بِسْمِ اللّٰهِ الرَّحْمٰنِ الرَّحِيْمِ نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 4

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ସଂଖ୍ୟା 24

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

13 ଜୁନ୍ 2019 13 ଏହ୍‌ସାନ୍ 1398 ହି.ଶ 09 ଶୱାଲ୍ 1440 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

إِنَّ أَوَّلَ بَيْتٍ وُّضِعَ لِلنَّاسِ لَلَّذِيْ بِبَكَّةَ مُبٰرَكًا وَّهُدًى لِّلْعٰلَمِيْنَ ○ فِيْهِ اٰيٰتٌۢ بَيِّنٰتٌ مَّقَامُ اِبْرٰهِيْمَ ۚ وَمَنْ دَخَلَهٗ كَانَ اٰمِنًا (آل عمران:97-98)

ଅନୁବାଦ- ବାସ୍ତବରେ ଯେଉଁ ଗୃହ ସମସ୍ତ ଲୋକଙ୍କ (ଲାଭ) ପାଇଁ ସର୍ବ ପ୍ରଥମେ ନିର୍ମାଣ କରାଯାଇଥିଲା ତାହା ମକ୍କାରେ ଅବସ୍ଥିତ; ତାହା ସମଗ୍ର ଜଗତ ପାଇଁ କଲ୍ୟାଣ ଦାୟକ ସ୍ଥାନ ଓ ସତ୍‌ପ୍ରଥାର ଉତ୍ସ ଅଟେ। ଏଥିରେ କେତେକ ପ୍ରକାଶ୍ୟ ନିଦର୍ଶନ ଅଛି; (ଏହା ଇବ୍ରାହିମଙ୍କ ଆସ୍ଥାନ ଅଟେ ଏବଂ ଯେ କେହି ଏଥିରେ ପ୍ରବେଶ କରେ ସେ ସୁରକ୍ଷିତ ହୋଇଯାଏ;

*(ଆଲେ ଇମରାନ୍: ୯୭-୯୮)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି। (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ। ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

# ମନୁଷ୍ୟର ମନ ଅର୍ଥାତ୍ ରିବାତ୍ ମଧ୍ୟ ତାଲିମ ପ୍ରାପ୍ତ ହେବା ଉଚିତ ଏବଂ ତା'ର ଅଙ୍ଗ ଓ ଶକ୍ତି ଏପରି ହେବା ଉଚିତ ଯେ, ତାହା ଅଲ୍ଲାଃ ତାଲାଙ୍କ ସୀମା (ଭିତରେ ରହି) ତଳେ ତଳେ ଚାଲିବେ।

**ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ**

### ରିବାତ୍‌ର ଅର୍ଥ

ରିବାତ୍ ହେଉଛି ଏପରି ଘୋଡ଼ାର ନାମ ଯାହା ଶତୃଙ୍କ ସୀମାରେ ବନ୍ଧାଯାଇଥାନ୍ତି। ଅଲ୍ଲାଃ ତାଲା ସାହାବା ର:ଅଙ୍କୁ ଶତୃଙ୍କ ମୁକାବିଲାରେ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିବାତ୍ ଶବ୍ଦ ଦ୍ୱାରା ସେମାନଙ୍କୁ ସମ୍ପୁର୍ଣ୍ଣ ଓ ସତ୍‌ପ୍ରସ୍ତୁତି ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି। ସେମାନଙ୍କଠାରେ ଦୁଇଟି କାର୍ଯ୍ୟ ନ୍ୟସ୍ତ କରାଯାଇଥିଲା। ଗୋଟିଏ ଥିଲା ପ୍ରକାଶ୍ୟ ବାହ୍ୟ ଶତୃମାନଙ୍କର ମୁକାବିଲା କରିବା ଓ ଆଉ ଗୋଟିଏ କାର୍ଯ୍ୟଥିଲା ଏହା କି ସେମାନେ ଆଧ୍ୟାତ୍ମିକତାର ମୁକାବିଲା କରୁଥିଲେ। ଅଭିଧାନରେ ରିବାତ୍ ଶବ୍ଦଟି ମନ ଓ ମନୁଷ୍ୟର ହୃଦୟକୁ ମଧ୍ୟ କୁହାଯାଏ। ପୁଣି ଆଉ ଗୋଟିଏ ମଜା କଥା ଏହା କି ସେହି ଘୋଡ଼ା କାମରେ ଆସିଥାଏ ଯିଏ ମହଣ ହୋଇଥିବ ବା ଶିକ୍ଷାପାଇଥିବ। ଆଜିକାଲି ଘୋଡ଼ାର ତାଲିମ୍ ଓ ଶିକ୍ଷା ଏପରି ଶୈଳୀରେ କରାଯାଇଥାଏ ଓ ଏପରି ତାକୁ ମହଣ କରାଯାଇଥାଏ ଯେଉଁଭଳି ପିଲାମାନଙ୍କୁ ସ୍କୁଲ୍‌ରେ ବିଶେଷ ଧ୍ୟାନର ସହିତ ଓ ଅନୁଶାସନ ଦ୍ୱାରା ତାଲିମ୍ ଦିଆଯାଇଥାଏ। ଯଦି ସେମାନଙ୍କୁ ତାଲିମ ନ ଦିଆଯାଏ ଓ ମହଣ ନ କରାଯାଏ ତେବେ ସେ ବିଲ୍‌କୁଲ୍ ନିକମା ହୋଇଯାଇଥାନ୍ତି ଏବଂ ସେ ଲାଭଦାୟକ ହେବା ପରିବର୍ତ୍ତେ ଭୟଙ୍କର ଏବଂ କ୍ଷତିକାରକ ପ୍ରମାଣିତ ହୋଇଥାଏ।

ଏହି ଇଶାରା ଏକଥା ପ୍ରତି ମଧ୍ୟ ହୋଇଥାଏ ଯେ ମଣିଷର ମନ ଅର୍ଥାତ ରିବାତ୍ ମଧ୍ୟ ଶିକ୍ଷିତ ହେବା ଉଚିତ। ତାର ଅଙ୍ଗପ୍ରତ୍ୟଙ୍ଗ ଓ ଶକ୍ତି ଏପରି ହେବା ଉଚିତ ଯେ ତାହା ଅଲ୍ଲାଃ ତାଲାଙ୍କ ସୀମା ଭିତରେ ରହି ଚାଲେ। କାରଣ ଯଦି ଏପରି ନ ହେବ ତେବେ ତାହା ଯୁଦ୍ଧ ବା ଲଢ଼େଇର କାର୍ଯ୍ୟ ସମ୍ପାଦନ କରିପାରିବ ନାହିଁ ଯାହା ମନୁଷ୍ୟ ଓ ତା'ର ଭୟଙ୍କର ଶତୃ ଅର୍ଥାତ୍ ସଇତାନ ମଧ୍ୟରେ ଆନ୍ତରିକ ପ୍ରତିକ୍ଷଣ ଓ ପ୍ରତି ମୁହୂର୍ତ୍ତରେ ଅହରହ ଜାରି ରହିଛି। ଯେପରି ଲଢ଼େଇ ବା ରଣ କ୍ଷେତ୍ରରେ ଶକ୍ତି ସହିତ ପ୍ରଶିକ୍ଷଣ ପାଇଥିବା ମଧ୍ୟ ଜରୁରୀ ଅଟେ ସେହିପରି ଏହି ଅନ୍ତଃ ଯୁଦ୍ଧ ଓ ଜିହାଦ୍ ନିମନ୍ତେ ମଣିଷର ମନକୁ ତର୍‌ବିୟତ ଓ ଉଚିତ ଶିକ୍ଷା ହାସଲ କରିବା ଆବଶ୍ୟକ। ଯଦି ଏପରି ନହୁଏ ତେବେ ତାହାର ଫଳ ଏହା ବାହାରିବ ଯେ ସଇତାନ ତା ଉପରେ ବିଜୟ ପ୍ରାପ୍ତ କରିନେବ ଓ ସେ ବହୁତ ଲଜ୍ଜିତ ଓ ତିରସ୍କୃତ ହେବ। ଉଦାହରଣ ସ୍ୱରୁପ ଯଦି ଜଣେ ବ୍ୟକ୍ତି ତା ନିଜ ନିକଟରେ ତୋପ ଗୁଳାବାରୁଦ ଯୁଦ୍ଧାସ୍ତ୍ର ଓ ବନ୍ଧୁକ ଇତ୍ୟାଦି ରଖିଥାଏ କିନ୍ତୁ ଏ ଗୁଡ଼ିକ ବ୍ୟବହାର କରିବା ଜାଣିନଥାଏ ତେବେ ସେ ଶତୃଙ୍କ ମୁକାବିଲାରେ କେବେ ମଧ୍ୟ ତିଷ୍ଠିପାରିବ ନାହିଁ କିନ୍ତୁ (ଏହାର ବିପରୀତ) ଜଣେ ବ୍ୟକ୍ତି ତାର କମାଣ ଏବଂ ଯୁଦ୍ଧାସ୍ତ୍ର ନିଜ ନିକଟରେ ରଖି ତାହାର ବ୍ୟବହାର ଜାଣିଥିବ କିନ୍ତୁ ତା ବାହୁରେ ଯଦି ବଳ ନଥିବ ତେବେ ମଧ୍ୟ ସେ ସଫଳ ହୋଇପାରିବ ନାହିଁ। ଏଥିରୁ ଜଣାପଡ଼ିଲା ଯେ କେବଳ ପଦ୍ଧତି ଓ ଶୈଳୀ ଶିଖି ନେଲେ ମଧ୍ୟ କାର୍ଯ୍ୟ ସଫଳ ହୋଇପାରେ ନାହିଁ, ଯେ ପର୍ଯ୍ୟନ୍ତ (ତା'ର) ବ୍ୟାୟାମ ଓ ଅଭ୍ୟାସ କରି ବାହୁରେ ଶକ୍ତି ଓ ବଳ ସୃଷ୍ଟି କରାନଯାଇଛି। ଏବେ ଯଦି ଜଣେ ବ୍ୟକ୍ତି ତରବାରୀ ଚାଳନା ତ ଜାଣିଛି କିନ୍ତୁ (ତାହାକୁ ପ୍ରୟୋଗ କରିବା ପାଇଁ ଉଚିତ) ବ୍ୟାୟାମ ଓ ଅଭ୍ୟାସ କରିନାହିଁ ତେବେ ଯୁଦ୍ଧ କ୍ଷେତ୍ରରେ ପହଂଚି ସେ ତିନିଚାରିଥର ତରବାରୀ ଚାଳନା କରିବାରେ ବା ଥରେ ଅଧେ ବ୍ୟବହାର କରିବା କ୍ଷଣି ତା'ର ହାତ/ବାହୁ ନିକମା ହୋଇଯିବ ଫଳତଃ ସେ ଥକିଯାଇ ନିଜେ ହିଁ ଶତୃର ଶିକାର ହୋଇଯିବ।

### ମୁଜାହିଦା ଏବଂ ରିୟାଜ୍
### ଅର୍ଥାତ୍ ଅହରହ ଚେଷ୍ଟା ଓ ଅଭ୍ୟାସ

ସୁତରାଂ ଖୁବ୍ ଭଲଭାବେ ବୁଝିନିଅ ଯେ କେବଳ ଜ୍ଞାନ, କୌଶଳ ଓ ଶୃଙ୍ଖଳା ତାଲିମ୍ ମଧ୍ୟ କିଛି କାମ ଦେଇପାରେ ନାହିଁ ଯେ ପର୍ଯ୍ୟନ୍ତ କର୍ମ, ଚେଷ୍ଟା ଓ ଅଭ୍ୟାସ ନ କରାଯାଇଛି। ଦେଖନ୍ତୁ ସରକାର ମଧ୍ୟ ସେନାଙ୍କୁ ଏହି କାରଣ ଯୋଗୁଁ ବେକାର ବସିବାକୁ ଦିଏ ନାହିଁ। ଶାନ୍ତିପୂର୍ଣ୍ଣ ଦିନ ଗୁଡ଼ିକରେ ମଧ୍ୟ କୃତ୍ରିମ ଯୁଦ୍ଧ ସୃଷ୍ଟି କରିଥାଏ ଯଦ୍ୱାରା ସେନାଙ୍କୁ ବେକାର କରିବାକୁ ଦିଏ ନାହିଁ ଓ ସାଧାରଣ ବ୍ୟାୟାମ ଓ ପରେଡ଼ ଇତ୍ୟାଦି ତ ଚାଲୁ ରହିଥାଏ।

ଯେପରି ମୁଁ ଏବେ ବର୍ଣ୍ଣନା କଲି ଯେ, ରଣକ୍ଷେତ୍ରରେ ସଫଳତା ଲାଭ କରିବା ପାଇଁ ଯେଉଁଠି ଗୋଟିଏ ପଟେ ଯୁଦ୍ଧାସ୍ତ୍ରର ଇତ୍ୟାଦି ଅସ୍ତ୍ରଶସ୍ତ୍ରର ବ୍ୟବହାର କରିବାର ଶୈଳୀ ଓ ପଦ୍ଧତି ଜାଣିବା ଜରୁରୀ ସେଠାରେ ଅନ୍ୟପଟେ ଉପଯୁକ୍ତ ବ୍ୟାୟାମ ଓ ଅଭ୍ୟାସ ଉଚିତ ସମୟରେ ବ୍ୟବହାର କରିବା ମଧ୍ୟ ଅତି ଆବଶ୍ୟକ ଏବଂ ତତ୍‌ସହିତ ଯୁଦ୍ଧ ଓ ଆକ୍ରମଣ କରିବା ପାଇଁ ତାଲିମପ୍ରାପ୍ତ ଘୋଡ଼ା ଦରକାର ଅର୍ଥାତ୍ ଏପରି ଘୋଡ଼ା ଯିଏ ତୋପ ଓ ବନ୍ଧୁକ ଶବ୍ଦକୁ ଡ଼ରୁନଥିବ ଓ ଧୂଳିଝଡ଼ ଦ୍ୱାରା ଅସ୍ତବ୍ୟସ୍ତ ହୋଇ ପଛଘୁଂଚା ଦେଉନଥିବ ବରଂ ଆଗକୁ ଆଗକୁ ବଢ଼ିଚାଲିଥିବ। ସେହିଭଳି ମଣିଷର ଶରୀର ଓ ମନ ସଂପୂର୍ଣ୍ଣ ବ୍ୟାୟାମ ଓ ଅଭ୍ୟାସ ଏବଂ ବାସ୍ତବିକ ଶିକ୍ଷା ବିନା ଅଲ୍ଲାଃଙ୍କ ଶତୃର ମୁକାବିଲାରେ ରଣକ୍ଷେତ୍ରରେ ସଫଳତା ଲଭି ପାରିବ ନାହିଁ।

### ଆରବୀ ଭାଷାର ବିଶେଷତ୍ୱ

ଆରବୀ ଅଭିଧାନ ମଧ୍ୟ ଏକ ଆଶ୍ଚର୍ଯ୍ୟ ଜିନିଷ। ତାର ମୁକାବିଲା ନାହିଁ, ଯେଉଁ ରିବାତ୍ ଶବ୍ଦଟି ବର୍ଣ୍ଣିତ ଆୟତରେ ଆସିଅଛି ତାହା ଯେଉଁଠି ସାଂସାରିକ ଯୁଦ୍ଧ ଲଢ଼େଇ ଏବଂ ରଣ କୌଶଳର ଫିଲୋସଫି ଉପରେ ପର୍ଯ୍ୟବେସିତ ସେଠାରେ ଆଧ୍ୟାତ୍ମିକ ରୂପେ ଅନ୍ତଃଯୁଦ୍ଧ ଏବଂ ନିଜ ମନ ସହିତ ଲଢ଼ିବାର ସତ୍ୟାସତ୍ୟ ଓ ଗୁଣ ବିଶେଷକୁ ମଧ୍ୟ ପ୍ରକାଶ କରିଥାଏ। ଏହା ଏକ ଆଶ୍ଚର୍ଯ୍ୟ ସିଲ୍‌ସିଲା ସେଥିପାଇଁ ଆରବୀ ଭାଷା ହେଉଛି ଉମ୍ମୁଲ୍ ଅଲ୍‌ସିନା (ଅର୍ଥାତ୍ ସବୁ ଭାଷାର ମାଆ)। ଏଥିରୁ ଏପରି କାର୍ଯ୍ୟ ସମ୍ପାଦନ ହୋଇଥାଏ ଯାହା ଅନ୍ୟ ଭାଷାରେ ସମ୍ଭବ ନାହିଁ ଏବଂ ଇନ୍‌ଶଅଲ୍ଲାଃ ଏହି ତତ୍ୱଜ୍ଞାନ ବ୍ୟାଖ୍ୟାମୁଳକ ରୂପେ ଓ ସୁନ୍ଦରତାର ସହିତ ପୁସ୍ତକ ମିନନୁର୍ ରହ୍‌ମାନ୍ ଜରିଆରେ ପ୍ରକାଶ ହେବ, ଯାହାକୁ ମୁଁ ଆଜିକାଲି ଆରବୀ ଭାଷାର ଶ୍ରେଷ୍ଟତ୍ୱ ଏବଂ ତାକୁ ଉମ୍ମୁଲ୍ ଅଲ୍‌ସିନା ପ୍ରମାଣିତ କରିବା ସମ୍ବନ୍ଧରେ ଲେଖିବା ଆରମ୍ଭ କରିଛି। (ଏହାଦ୍ୱାରା) ଜଣାପଡ଼ିଯିବ ଯେ ୟୁରୋପୀୟ ଲୋକମାନଙ୍କର ଗବେଷଣା ସମ୍ପୁର୍ଣ୍ଣ ରୂପେ ଅସଂପୂର୍ଣ୍ଣ ଓ ଅଧୁରା ଏବଂ ସେମାନଙ୍କୁ ମଧ୍ୟ ଜଣାପଡ଼ିଯିବ ଯେ ଏ ଯୁଗରେ ଯେଉଁଠି ଆହୁରି ଅନେକ ହଜିଯାଇଥିବା ଧାର୍ମିକ ସତ୍ୟତା ମିଳିଯାଇଛି ସେଠାରେ ଭାଷାମାନଙ୍କର ମାଆ (ଅର୍ଥାତ୍ ଉତ୍ପତିର ସ୍ରୋତ) ମଧ୍ୟ ମିଳିଯାଇଛି ଓ ତାହା ହେଉଛି ଆରବୀ। ସୁତରାଂ ଆରବୀ ଭାଷାର ଶବ୍ଦକୋଷ ଶାରିରୀକ ସିଲ୍‌ସିଲା ସହିତ ଆଧ୍ୟାତ୍ମିକ ସିଲ୍‌ସିଲା ମଧ୍ୟ ଦେଖାଇଥାଏ। ଏଥିପାଇଁ କି ଶାରିରୀକ ବିଷୟ ଓ ଶାରିରୀକ କଥା ବାହ୍ୟ ରୂପେ ଆମର ଦୃଷ୍ଟିଗୋଚର ହୋଇଥାଏ ଓ ଆମେ ତା'ର ପ୍ରକୃତି/ ସ୍ୱଭାବକୁ ଅତ୍ୟନ୍ତ ସହଜ ଓ ସୁବିଧାରେ ବୁଝିପାରିବା। ସୁତରାଂ ଏହା ଉପରେ ଅନୁମାନ ଲଗାଇ ଆଧ୍ୟାତ୍ମିକ ସିଲ୍‌ସିଲା ଓ ଆଧ୍ୟାତ୍ମିକ ବିଷୟର ଫିଲୋସଫି ବୁଝିବାରେ ଅସୁବିଧା ହୁଏନାହିଁ। ଏହା ଅଲ୍ଲାଃ ତାଲାଙ୍କ ବିଶେଷ କୃପା ଓ ଅନୁଗ୍ରହ ଯେ ସେ ଏହି ଅନ୍ଧକାର ଓ ପଥଭ୍ରଷ୍ଟତାର ଯୁଗରେ ଜ୍ଞାନର ଜ୍ୟୋତିକୁ ଆକାଶରୁ ଅବତୀର୍ଣ୍ଣ କଲେ ଯଦ୍ୱାରା ଭୁଲିଯାଇଥିବା ଓ କୁରାସ୍ତାକୁ ଚାଲିଯାଇଥିବା ଲୋକମାନଙ୍କୁ ରାସ୍ତା ଦେଖାଇବ ଓ ଏପରି ଶୈଳୀ ଓ ପଦ୍ଧତି ପରିପ୍ରକାଶ କଲା ଯାହା ଏପର୍ଯ୍ୟନ୍ତ ଗୋପନ ଥିଲା। ତାହା କ'ଣ? ଏହି ଆରବୀ ଅଭିଧାନର ଫିଲୋସଫି ଏବଂ (ତା') ବାସ୍ତବିକତା ଦ୍ୱାରା ତର୍କପୂର୍ଣ୍ଣ ପ୍ରମାଣ। ସେହି ଲୋକମାନଙ୍କୁ ସୁଭେଚ୍ଛା ଯେଉଁମାନେ ଅଲ୍ଲାଃ ତାଲାଙ୍କ କୃପାର ସମ୍ମାନ କରିଥାନ୍ତି ଓ ତାହା ନେବାକୁ ପ୍ରସ୍ତୁତ ହୋଇଥାନ୍ତି।

(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୪୭ ରୁ ୪୯ ମୁଦ୍ରଣ କାଦିଆନ୍ ୨୦୧୮)

### ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୯ ମସିହା ଡିସେମ୍ବର୍ ତା-୨୭,୨୮,୨୯ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ। ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ। ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବରକତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ। ଜଜାକମୁଲ୍ଲାଃ **(ନାଜର୍ ଇସ୍‌ଲାହ ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା। ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୧୧ର ଅବଶିଷ୍ଟାଂଶ.....*

ଅନଓ୍ୱର ଅତ୍ୟନ୍ତ ସହାନୁଭୂତି ଓ ସ୍ନେହ୍ନ ଆଦରତାର ସହ ମୋ ଭାଇ ଭଉଣୀମାନଙ୍କ ମୁଣ୍ଡ ଉପରେ ନିଜ ପବିତ୍ର ହାତ ବୁଲାଇ ଆଣିଲେ ଏବଂ ଆମ ତିନି ଜଣକୁ କଲମ ପ୍ରଦାନ କଲେ ଏବଂ ଚକଲେଟ୍ ମଧ୍ୟ ପ୍ରଦାନ କଲେ ।

ଡ଼ାଇନେଲ୍ ବୌକ୍ ସାହେବ ଯେ ଅଷ୍ଟିନ୍ ଜମାଅତରୁ ଆସିଥିଲେ । କୁହନ୍ତି ଆଜି ଜୀବନର ହଜୁର ଅନଓ୍ୱରଙ୍କ ସହ ପ୍ରଥମ ସାକ୍ଷାତ ଥିଲା । ଅଧମ ୧୧ବର୍ଷ ପୂର୍ବେ ଜମାଅତ ଅହମିଦୟାରେ ଅନ୍ତର୍ଭୁକ୍ତ ହୋଇଥିଲା । ଆଜି ମୋ ଜୀବନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଦିନ ଅଟେ । ମୋ ଆନନ୍ଦର ସୀମା ନାହିଁ । ଯେହେତୁ ବର୍ତମାନ ମୁଁ ଅବସର ପ୍ରାପ୍ତି ଅଟେ ତେଣୁ ହଜୁର ମୋତେ ଆରବୀ ଓ ଉର୍ଦ୍ଦୁ ସିଖିବା ସହ ନିଜ ଆଧ୍ୟାତ୍ମିକ ଉନ୍ନତି ପ୍ରତି ବିଶେଷ ମନନିବେଶ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଆଉ ଜଣେ ବନ୍ଧୁ ଶ୍ରୀମାନ ଅଓ୍ୱସାଫ ମଲକ ସାହେବ ବର୍ଣ୍ଣନା କରନ୍ତି କି ସାକ୍ଷାତ ପୂର୍ବରୁ ଆମେ ଅତ୍ୟଧିକ ଭୟଭିତ ହୋଇଯାଇଥିଲୁ କିନ୍ତୁ ଯେମିତି ହଜୁରଙ୍କ ନିକଟରେ ଉପସ୍ଥିତ ହେଲୁ ଭୟ ଆପଣଛାଏଁ ଉଭେଇ ଗଲା । ମୋ ପୁତ୍ରିର ହାତ ପ୍ରକମ୍ପିତ ଅବସ୍ଥାରେ ଥିଲା କିନ୍ତୁ ତାହା କୌଣସି ଭୟରେ ନୁହେଁ ବରଂ ଅତ୍ୟନ୍ତ ଆନନ୍ଦ ହେବା ଯୋଗୁଁ ଥିଲା ।

ଆଉ ଜଣେ ସାହେବ ଶ୍ରୀମାନ ମହମୁଦ୍ ଅସଲମ୍ ସାହେବ କ୍ୟାଲିଫରନିଆରୁ ସାକ୍ଷାତ କରିବା ନିମନ୍ତେ ଆସିଥିଲେ, ସେ କହିଲେ ମୁଁ ଚାରି ବର୍ଷ ପୂର୍ବରୁ ସପରିବାର ଆମେରିକା ପ୍ରବାସ କରିଆସିଛି ଏବଂ ଆଜି ଆମର କିଭଳି ସୌଭାଗ୍ୟ କି ଆମେ ହଜୁର ଅନଓ୍ୱରଙ୍କ ସହ ସାକ୍ଷାତ କଲୁ । ଯେତେବେଳେ ଆମେ ହଜୁର ଅନଓ୍ୱରଙ୍କୁ ନିକଟରୁ ଦେଖିଲୁ ତାହା ଏକ ଏଭଳି ହୃଦୟସ୍ପର୍ଶି କ୍ଷଣ ଥିଲା କି ଅନୁଭବ ହେଉଥିଲା ଯେପରି ଈଶ୍ୱରଙ୍କ ଦେବଦୂତ ହଜୁର ଅନଓ୍ୱରଙ୍କୁ ଘେରି ରହିଛନ୍ତି ।

ହୁସେନ ତାହେର ସାହେବ କୁହନ୍ତି ଖଲିଫାଙ୍କ ସହ ସାକ୍ଷାତର ସେହି କିଛି ମୂହୁର୍ତ ନିଃସନ୍ଦେହ ମୋ ଜୀବନର ସାରାଂଶ ଓ ସର୍ବୋତ୍କୃଷ୍ଟ ମୂହୁର୍ତ ଅଟେ ।

ଖୁରମ ସହଜାଦ ୍ ସାହେବ ଉଥା ରାଜ୍ୟରୁ ଆସିଥିଲେ । ହଜୁର ଅନଓ୍ୱରଙ୍କ ସାକ୍ଷାତ କରିବା ପରେ ନିଜ ପ୍ରତିକ୍ରିୟା ପ୍ରକାଶ କରି କହିଲେ ଆମ୍ଭେ ହଜୁର ଅନଓ୍ୱରଙ୍କୁ ଟି.ଭିରେ ଦେଖିଥିଲୁ । ଆଜି ଯେତେବେଳେ ସ୍ୱଚକ୍ଷୁରେ ନିଜ ସମ୍ମୁଖରେ ଦେଖିଲୁ ସେତେବେଳେ ଏପରି ଅନୁଭବ ହେଉଥିଲା ଯେପରି କୌଣସି ସ୍ୱପ୍ନ ଦେଖୁଅଛୁ । ବର୍ତମାନ ସୁଧା ବିଶ୍ୱାସ ହେଉ ନାହିଁ କି ହଜୁର ଅନଓ୍ୱରଙ୍କୁ ସାକ୍ଷାତ କରି ଆସିଛୁ । ମୁଁ ହଜୁର ଅନଓ୍ୱରଙ୍କୁ ନିବେଦନ କଲି ଆମେ ରବଓାରୁ ଆସିଛୁ ଏଥିରେ ହଜୁର ଅନଓ୍ୱର କହିଲେ ଅଲ୍ଲାଃଙ୍କ କୃତଜ୍ଞ କି ଆପଣମାନେ ସୁରକ୍ଷିତ ଭାବରେ ଏଠାରେ ପହଂଚିଗଲେ । କିନ୍ତୁ ବର୍ତମାନ ଜମାଅତ ସହ ଏକ ସକ୍ରିୟ ସମ୍ପର୍କ ସ୍ଥାପନ କରିବାକୁ ପୂର୍ଣ୍ଣ ପ୍ରୟାସ କରନ୍ତୁ ।

ସାକ୍ଷାତ କରିଥିବା ସଦସ୍ୟଙ୍କ ମଧ୍ୟରେ ଜଣେ ବନ୍ଧୁ ଶ୍ରୀମାନ ମିର୍ଜା ମହମ୍ମଦ ଆରିଫା ସାହେବ ବର୍ଣ୍ଣନା କରନ୍ତି କି ଏହା ଆମର ହଜୁର ଅନଓ୍ୱରଙ୍କ ସହ ପ୍ରଥମ ସାକ୍ଷାତ ଥିଲା । ଯଦିଓ ସାକ୍ଷାତର ସମୟ ଖୁବ୍ କମ ଥିଲା କିନ୍ତୁ ଏପରି ମନେହେଉଥିଲା ଯେମିତି ଆମେ ଏକ ଗୁପ୍ତଧନ ପ୍ରାପ୍ତ କରି ଫେରିଛୁ । ମୋ ପୁତ୍ର ବର୍ତମାନ ସୁଧା କଥା କହିପାରୁନି, ମୁଁ ହଜୁର ଅନଓ୍ୱରଙ୍କୁ ତାହା ପାଇଁ ଦୁଆ କରିବା ନିମନ୍ତେ ନିବେଦନ କରିବାରୁ ହଜୁର ଅନଓ୍ୱର କହିଲେ ବିନ୍ରତା ଓ ସ୍ନେହର ସହ ତାହା ସହିତ କଥା ହୁଅ । ଅଲ୍ଲାଃତାଲା ନିଜ କରୁଣା ପ୍ରଦାନ କରିବେ । ଇନ୍ନଶା ଅଲ୍ଲାଃ ।

ସାଉଥ ପେସିଫିକ୍ର ଦ୍ୱୀପ ମଲକ ମାରସଲ ଦ୍ୱୀପପୁଞ୍ଜରୁ ଅନେକ ଅହମଦି ପ୍ରବାସ କରି ଆମେରିକାର ଆର୍କାନସାସ୍ ସହରେ ବସତି ସ୍ଥାପନ କରିଛନ୍ତି । ଆଜି ସେଠାରୁ ୧୮ଜଣ ସଦସ୍ୟ ବିଶିଷ୍ଟ ଏକ ଦଳ ୯୧୮କି.ମି ଦୂରତା ସଡ଼କ ପଥ ମାଧ୍ୟମରେ ଦିର୍ଘ ୧୨ ଘଣ୍ଟା ଯାତ୍ରା କରି ପହଂଚିଥିଲେ । ସେହି ଭାଗ୍ୟବନ୍ତ ଲୋକମାନେ ପ୍ରଥମ ଥର ହଜୁର ଅନଓ୍ୱରଙ୍କ ସହ ସାକ୍ଷାତ କଲେ । ସେମାନେ ହଜୁର ଅନଓ୍ୱରଙ୍କ ପଛରେ ସାମୁହିକ ନମାଜ ପାଠ କଲେ ଏବଂ ନମାଜ ଜୁମା ମଧ୍ୟ ପାଠ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ସେମାନେ ବୁଧବାର ଦିନ ରାତିରେ ଏଠାରେ ପହଂଚିଥିଲେ । ଆଜି ସେମାନଙ୍କର ହଜୁର ଅନଓ୍ୱରଙ୍କ ସହ ସାକ୍ଷାତ ମଧ୍ୟ ହୋଇଗଲା । ତାଙ୍କ ଅଂଚଳର ମୁବଲିଗ୍ ସାହେବ କୁହନ୍ତି ଯେତେବେଳେ ହଜୁର ଅନଓ୍ୱରଙ୍କ ସହ ସାକ୍ଷାତ କରିବାର ସମୟ ପାଖେଇ ଆସିଲା ସେମାନଙ୍କ ମୁଖମଣ୍ଡଳ ଆନନ୍ଦରେ ଉଜ୍ୱଳମୟ ହୋଇ ଉଠୁଥିଲା । ମାରଶଲେଜ୍ ଜାତିର ଏହି ଲୋକମାନେ ମଧ୍ୟ ଅଜି ପ୍ରଥମ ଥର ପାଇଁ ହଜରତ ମସିହ ମଉଦ ଅ.ସଙ୍କ ଝରଣାରୁ ଜଳ ପାନ କରିବାର ସୌଭାଗ୍ୟ ଲାଭ କରିଥିଲେ ।

ହଜୁର ଅନଓ୍ୱର ସମସ୍ତଙ୍କ ଖବର ପାଚରି ବୁଝିଲେ ଏବଂ ସେମାନଙ୍କ ସହ କଥୋପକଥନ ହେଲେ ଏବଂ ସେମାନଙ୍କ ସ୍ଥାନାନ୍ତରିତ ହେବା ସମ୍ପର୍କରେ ପ୍ରଶ୍ନ କଲେ । ସେ ସମସ୍ତ ସଦସ୍ୟବୃନ୍ଦ ନିଜ ଆକାଙ୍କ ସହ ଫଟୋ ଅବତ୍ୱଳନ କରିବାର ସୌଭାଗ୍ୟ ଅର୍ଜନ କଲେ ।

ସାକ୍ଷାତ କରିବା ପରେ ଜଣେ ମହିଳା ଲିନ୍ ଅମଲେକ୍ ସାହେବା କହିଲେ ହଜୁର ଅନଓ୍ୱରଙ୍କୁ ସାକ୍ଷାତ କରିବା ସମୟରେ ମୋର ନିଜ ଭାବନା ଉପରେ ନିୟନ୍ତ୍ରଣ ନଥିଲା । ଆଉ ଜଣେ ମହିଳା Arlynn Mission ସାହେବା କହିଲେ ସାକ୍ଷାତ ସମୟରେ ମୋ ଚକ୍ଷୁରୁ ଅନବରତ ଅଶ୍ରୁ ବହିଚାଲିଥିଲା ।

ଜଣେ ବନ୍ଧୁ Renny Luther କୁହନ୍ତି ଆଜି ଖଲିଫାଙ୍କ ସହ ମୋର ପ୍ରଥମ ସାକ୍ଷାତ ମୋ ଜୀବନର ଅତ୍ୟନ୍ତ ସୁନ୍ଦର ମୂହୁର୍ତ ଥିଲା । ଆଉ ଜଣେ ସାହେବ ଶ୍ରୀମାନ Anton Marquez କହିଲେ ମୁଁ ହଜୁର ଅନଓ୍ୱରଙ୍କୁ ଚାହିଁ ରହିଲି ଏବଂ ନିଜ ସ୍ଥାନରେ ସ୍ତବ୍ଧ ହୋଇ ରହିଗଲି । ହଜୁର ଅନଓ୍ୱରଙ୍କୁ କିଛି କହିପାରିଲି ନାହିଁ ।

ଆଜିର ଏହି ସାକ୍ଷାତ ସେହି ଲୋକମାନଙ୍କୁ ହଜୁର ଅନଓ୍ୱରଙ୍କ ସହ ସେମାନଙ୍କର ସମ୍ପର୍କକୁ ଦୃଢତା ପ୍ରଦାନ କରିଥିଲା । ଏହି ମୁହୁର୍ତ ସେମାନଙ୍କୁ ସଦେବ ମନେରହିବ । ଏହି ଲୋକମାନଙ୍କ ମଧ୍ୟରେ ଯେଉଁ ଉତ୍ସାହ ଓ ଉଦ୍ଦୀପନା ସୃଷ୍ଟି ହୋଇଛି ଏବେ ତା ଦ୍ୱାରା ଇନ୍ସାଅଲ୍ଲା ମାର୍ଶିଲି କମ୍ୟୁନିଟିରେ ତବ୍ଲିଗ୍ କାର୍ଯ୍ୟର ମାର୍ଗ ଆଗକୁ ଖୋଲିବ । ସେହି ଲୋକମାନେ ତିନି ଚାରିଦିନ ଏଠାରେ ରହିଲେ ଏମାନେ ମଧ୍ୟ ଅନ୍ୟ ଅହେମଦୀମାନଙ୍କ ପରି ସେହି ରାସ୍ତାରେ ଛିଡ଼ା ହୋଇଯାଉଥିଲେ ଯେଉଁ ରାସ୍ତା ଦେଇ ହଜୁର ଅନଓ୍ୱର ଅ:ବ:ଅ ମସ୍ଯିଦ୍ ବା ଦଫ୍ତରକୁ ଯିବା ଆସିବା କରିଥାନ୍ତି ।

(କ୍ରମଶଃ)

⌘⌘⌘⌘⌘⌘⌘⌘⌘⌘

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ନିମନ୍ତେ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ଓ୍ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖିବାର୍ ଅଲ୍‌ଫଜଲ୍ ଇଂଟରନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

## ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିଭାବକୁ ଦେଖାଅ । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଓ ତା ଉପରେ ପରିଚାଳିତ ହୁଅ ।

### ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିଜ ଜମାତ୍‌ଠାରୁ ଆଶାପୋଷଣ

ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-

ମନେରଖ ଆମ ଜମାତ୍ ଏକଥା ପାଇଁ ନୁହେଁ ଯେପରି ସାଧାରଣ ସାଂସାରିକ (ବ୍ୟକ୍ତି) ଜୀବନ ବିତାଇଥାଏ । କେବଳ ମୁହଁରୁ କହିଥାଏ ଯେ ଆମେ ଏହି ସିଲ୍‌ସିଲାରେ ଦାଖିଲ୍ ଅଛୁ । ଏବଂ ଅମଲ (କାର୍ଯ୍ୟ)ର ଆବଶ୍ୟକତାକୁ ବୁଝୁନାହିଁ ଯେପରି ଦୁର୍ଭାଗ୍ୟ ବଶତଃ ମୁସଲ୍‌ମାନ୍ ମାନଙ୍କର ଏପରି ଅବସ୍ଥା ଯେ (ଯେବେ ତାଙ୍କୁ) ପଚାର କି ତୁମେ ମୁସଲ୍‌ମାନ୍ ଅଟ ? ସେତେବେଳେ ସେ କହିଥାନ୍ତି ଶୁକର୍ ଅଲ୍‌ହମ୍‌ଦୋଲିଲ୍ଲାଃ । କିନ୍ତୁ ନମାଜ ପଢ଼ନ୍ତି ନାହିଁ ଏବଂ ଅଲ୍ଲାଃଙ୍କ ଚିହ୍ନର ସମ୍ମାନ କରନ୍ତି ନାହିଁ ସୁତରାଂ ମୁଁ ତୁମଠାରୁ ଏହା ଚାହୁଁନାହିଁ ଯେ କେବଳ ମୁହଁଦ୍ୱାରା ମାନିନିଅ ଓ କାର୍ଯ୍ୟ କରି କିଛି ଦେଖାଅନାହିଁ । ଏହା ହେଉଛି ନିକମା ମାନଙ୍କ ଅବସ୍ଥା । ଖୁଦାତାଲା ଏହା ପସନ୍ଦ କରେନାହିଁ । ପୃଥିବୀର ଏପରି ଅବସ୍ଥା ଏହା ଚାହୁଁଥିଲା କି ଖୁଦାତାଲା ମୋତେ ଇସ୍‌ଲାହ୍ (ସଂସ୍କାର) ନିମନ୍ତେ ଛିଡା କଲା । ତେଣୁ ଏବେ ଯଦି କୌଣସି (ବ୍ୟକ୍ତି) ମୋ ସହିତ ସମ୍ପର୍କ ରଖି ମଧ୍ୟ ନିଜ ଅବସ୍ଥାରେ ସୁଧାର ଆଣୁନାହିଁ ଏବଂ କାର୍ଯ୍ୟଶକ୍ତିରେ ଉନ୍ନତି ଆଣୁନାହିଁ ବରଂ ମୁହଁଦ୍ୱାରା ମାନିଯିବାକୁ ହିଁ ଯଥେଷ୍ଟ ମଣୁଛି ସେ ଏପରି ଅଟେ ଯେପରି ନିଜର କାର୍ଯ୍ୟଦ୍ୱାରା ମୋ ଅନାବଶ୍ୟକତା ଉପରେ ଜୋର୍ ଦେଉଅଛି । ପୁଣି ତୁମେ ଯଦି ନିଜ କାର୍ଯ୍ୟଦ୍ୱାରା ପ୍ରମାଣ କରିବାକୁ ଚାହୁଁଛ ଯେ ମୋ ଆସିବା ନିରର୍ଥକ ତେବେ ପୁଣି (ଯଦି) ମୋ ସହିତ ସମ୍ପର୍କ ରଖିବାର ଅର୍ଥ କଣ ? ମୋ ସହିତ ସମ୍ପର୍କ ସୃଷ୍ଟି କରୁଛ ତେବେ ମୋର ଲକ୍ଷ ଓ ଉଦ୍ଦେଶ୍ୟକୁ ପୂରଣ କର ଓ ତାହା ହେଉଛି ଏହା ଯେ ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିକୁ ଦେଖାଅ ଏବଂ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ସେହିପରି ପରିଚାଳିତ ହୁଅ ଯେଉଁପରି ରସୁଲୁଲ୍ଲାଃ ସ:ଆ:ସ କରି ଦେଖାଇଛନ୍ତି ଏବଂ ସାହାବାମାନେ ମଧ୍ୟ କରିଛନ୍ତି । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଏବଂ ତା ଉପରେ ପରିଚାଳିତ ହୁଅ । ଖୁଦାତାଲାଙ୍କ ନିକଟରେ ଏତିକି କଥା ଯଥେଷ୍ଟ ହୋଇପାରେନା ଯେ ମୁହଁରେ ମାନିନେବା ଓ କାର୍ଯ୍ୟରେ କୌଣସି ଆଲୋକ ଓ ଉତ୍ସୁକତା ନମିଳିବା । ମନେରଖ ଯେ ଯେଉଁ ଜମାତ୍‌କୁ ଖୁଦାତାଲା ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ତାହା ବିନା କାର୍ଯ୍ୟରେ ଜୀବିତ ରହିପାରିବ ନାହିଁ । *(ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୨୨୨)*

(ନଜାରତ୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)

# : ଖୁତ୍‌ବା ଜୁମା :

ଅଲ୍‌ଖୈରୋ କୁଲ୍ଲୁହୁ ଫିଲ୍ କୁରଆନ୍ ଅର୍ଥାତ ସବୁ ପ୍ରକାରର ସୁଗୁଣ ପବିତ୍ର କୋରାନ୍‌ରେ ରହିଛି

''ପ୍ରକୃତ ମୁମିନ୍ ବଡ଼ ବଡ଼ କୁର୍‌ବାନୀ (ଅର୍ଥାତ୍ ବଳିଦାନ) ଦେଇ ମଧ୍ୟ ଡ଼ରିଥାନ୍ତି ଯେ, ଖୁଦାତାଲା କେବେ ଓ କିପରି ରାଜି ହେବ''

ରୋଜା ଆମ ହିତ ପାଇଁ ହିଁ ଉଦ୍ଦିଷ୍ଟ ଅଲ୍ଲାଃ ତାଲା ଏହା ଆମ ପାଇଁ ଫର୍ଜ (ଅର୍ଥାତ୍ ବାଧ୍ୟତାମୂଳକ) କରିଛନ୍ତି

ରୋଜା ଦ୍ୱାରା ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ମଧ୍ୟ ପ୍ରଭାବ ପଡ଼ିଥାଏ

ରୋଜା ଦ୍ୱାରା ମଣିଷ ଜୀବନରେ ଶୃଙ୍ଖଳା ସୃଷ୍ଟି ହୋଇଥାଏ

''ରୋଜାର ଅର୍ଥ ହେଉଛି ଏପରି କି, ମନୁଷ୍ୟ ଗୋଟିଏ ରୋଟିକୁ ପରିତ୍ୟାଗ କରିଥାଏ ଯାହା କେବଳ ଶରୀରର ଲାଳନପାଳନ କରେ (ଓ ସେ ଅନ୍ୟ ରୋଟିକୁ ହାସଲ କରିଥାଏ ଯାହା ଆତ୍ମାକୁ ଶାନ୍ତ୍ୱନା ଦେବାର କାରଣ ହୋଇଥାଏ

ଆମେ ଖୁସି ହୋଇ କେବଳ ରମ୍‌ଜାନ ଆସିବା ଯୋଗୁଁ ଏବଂ ରୋଜାର ମୁବାରକ୍‌ବାଦି ଦେବାରେ ହିଁ ରହିବା ନାହିଁ ବରଂ ଆମକୁ ନିଜ ନିଜର ଅନୁଧ୍ୟାନ କରିବା ଉଚିତ ହେବ ଯେ, ଅଲ୍ଲାଃ ତାଲା ରମ୍‌ଜାନ ମାସରେ ରୋଜାର ଯେଉଁ ଉଦ୍ଦେଶ୍ୟ ବର୍ଣ୍ଣନା କରିଛନ୍ତି କଣ ତାହା ଆମେ ସେଥି ନିମନ୍ତେ ଚେଷ୍ଟା କରୁଛେ ନା ନାହିଁ?

''ତୁମର ସମସ୍ତ ସଫଳତା ଓ ମୋକ୍ଷ ପ୍ରାପ୍ତିର ଶ୍ରୋତ ହେଉଛି ପବିତ୍ର କୋରାନ୍ ତୁମର ଏପରି କୌଣସି ଧାର୍ମିକ ଆବଶ୍ୟକତା ନିହଁ ଯାହା ପବିତ୍ର କୋରାନ୍ ନ ମିଳୁଥିବ। ତୁମ ଇମାନ୍‌ର ମୁସଦିକ୍ ବା ମୁକଯିବ୍ (ଅର୍ଥାତ୍ ସମର୍ଥନକାରୀ ବା ମିଥ୍ୟା ପ୍ରମାଣିତ କାରି) କୟାମତ ଦିନ କୁର୍‌ଆନ୍ ହିଁ ହେବ। କୋରାନ୍ ବ୍ୟତିତ ଆକାଶ ତଳେ ଆଉ କୌଣସି ପୁସ୍ତକ ନାହିଁ ଯାହା ପ୍ରତ୍ୟକ୍ଷ ରୂପେ ପବିତ୍ର କୋରାନ ତୁମକୁ ହିଦାୟତ ଦେଇପାରେ।

ମୁମିନ୍ ହେଉଛି ସେ ଯିଏ ସ୍ଥିର ଚିତରେ ପୂଣ୍ୟକାର୍ଯ୍ୟକୁ ଖୋଜିଥାଏ ଓ ସେଗୁଡ଼ିକୁ ଜାରି ରଖିଥାଏ।

ଯଦି ଦୁଆ ଗ୍ରହଣୀୟ ହେବାରେ କୌଣସି କମି ଅଛି ତେବେ ତାହା ଆମ ଭିତରେ ହିଁ ଦୋଷ ଦୁର୍ବଳତା ରହିଛି। ଖୁଦାତାଲାଙ୍କ ନିର୍ଦ୍ଦେଶ କେବେ ଭୁଲ ହୋଇନପାରେ।

ରମଜାନ ମାସ ଉପଲକ୍ଷେ ପବିତ୍ର କୁର୍‌ଆନର ଆୟତ, ଆହାଦିସ୍ ନବୱିୟା ଏବଂ ହଜରତ ମସିହ ମଉଦ ଆ:ସଙ୍କ ନିତିବାଣୀର ଆଲୋକରେ ରୋଜା ରଖିବାର ଫର୍ଜ, ତାହାର ଗୁରୁତ୍ୱ ,ଏବଂ ମୁମିନମାନଙ୍କର ଦାୟିତ୍ୱ ତତ୍‌ସହିତ ଦୁଆ ଗ୍ରହଣୀୟ ହେବା ଶୈଳୀର ମାରମିକ ଓ ତତ୍ୱପୂର୍ଣ୍ଣ ବର୍ଣ୍ଣନା।

ମୁକରମ୍ ଡ଼ାକ୍ତର ତାହେର ଅଜୀଜ୍ ଅହମଦ ସାହେବ ଅଫ୍ ଇସ୍‌ଲାମାବାଦ ପାକିସ୍ତାନ ଏବଂ ମୁକରମ୍ ଡ଼ାକ୍ତର ଇଫ୍‌ତିଖାର ଅହମଦ ସାହେବ ଅଫ୍ ଆମେରିକାଙ୍କ ଦୁଃଖଦ ପୂର୍ଣ୍ଣ ଦେହାନ୍ତରେ ସେମାନଙ୍କର ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯୁମା ପରେ ନମାଜ ଯନାଜାଃ ଗାଏବ୍ ପାଠ

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ
## (ପ୍ରଦତ୍ତ: ୧୦ ମଇ ୨୦୧୯ ଅନୁଯାୟୀ ୧୦ ହିଜ୍‌ରତ୍ ୧୩୯୮ ହିଜ୍‌ରି ଶମ୍‌ସି)

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ

اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -

اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -

اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

يٰۤاَيُّهَا الَّذِيْنَ اٰمَنُوْا كُتِبَ عَلَيْكُمُ الصِّيَامُ كَمَا كُتِبَ عَلَى الَّذِيْنَ مِنْ قَبْلِكُمْ لَعَلَّكُمْ تَتَّقُوْنَ ○ اَيَّامًا مَّعْدُوْدٰتٍ ؕ فَمَنْ كَانَ مِنْكُمْ مَّرِيْضًا اَوْ عَلٰى سَفَرٍ فَعِدَّةٌ مِّنْ اَيَّامٍ اُخَرَ ؕ وَعَلَى الَّذِيْنَ يُطِيْقُوْنَهٗ فِدْيَةٌ طَعَامُ مِسْكِيْنٍ ؕ فَمَنْ تَطَوَّعَ خَيْرًا فَهُوَ خَيْرٌ لَّهٗ ؕ وَاَنْ تَصُوْمُوْا خَيْرٌ لَّكُمْ اِنْ كُنْتُمْ تَعْلَمُوْنَ ○ شَهْرُ رَمَضَانَ الَّذِيْۤ اُنْزِلَ فِيْهِ الْقُرْاٰنُ هُدًى لِّلنَّاسِ وَبَيِّنٰتٍ مِّنَ الْهُدٰى وَالْفُرْقَانِ ۚ فَمَنْ شَهِدَ مِنْكُمُ الشَّهْرَ فَلْيَصُمْهُ ؕ وَمَنْ كَانَ مَرِيْضًا اَوْ عَلٰى سَفَرٍ فَعِدَّةٌ مِّنْ اَيَّامٍ اُخَرَ ؕ يُرِيْدُ اللّٰهُ بِكُمُ الْيُسْرَ وَلَا يُرِيْدُ بِكُمُ الْعُسْرَ ۫ وَلِتُكْمِلُوا الْعِدَّةَ وَلِتُكَبِّرُوا اللّٰهَ عَلٰى مَا هَدٰىكُمْ وَلَعَلَّكُمْ تَشْكُرُوْنَ ○ وَاِذَا سَاَلَكَ عِبَادِيْ عَنِّيْ فَاِنِّيْ قَرِيْبٌ ؕ اُجِيْبُ دَعْوَةَ الدَّاعِ اِذَا دَعَانِ ۙ فَلْيَسْتَجِيْبُوْا لِيْ وَلْيُؤْمِنُوْا بِيْ لَعَلَّهُمْ يَرْشُدُوْنَ ○ (سورة البقرہ:184 تا 187)

ତଶହୁଦ୍, ତଉଜ ଓ ସୁରେ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ ନିମ୍ନୋକ୍ତ ପବିତ୍ର କୁରଆନର ପଂକ୍ତି ପାଠ କରି ଏହାର ଅନୁବାଦ ଉପସ୍ଥାପନ କଲେ- ୟାଅୟୁହଲ୍ ଲଜିନା ଆମନୁ କୁତିବା ଆଲୈକୁମୁସ୍ ସିୟାମୁ କମା କୁତିବା ଆଲଲ୍ ଲଜିନା ମିନ୍ କବ୍‌ଲିକୁମ୍ ଲଅଲ୍ ଲକୁମ୍ ତତ୍‌ତକୁନ୍। ଅୟାମୁମ୍ ମାଦୁଦାତ୍ ଫମନ୍ କାନା ମିନ୍‌କୁମ୍ ମରିଜନ୍ ଅଓ୍ୱ ଅଲା ସଫରିନ୍ ଫଇଦ୍ ଦତୁମ୍ ମିନ୍ ଅୟାମିନ୍ ଉଖର। ଓ୍ୱ ଅଲ୍ଲଲଜିନା ୟୁତିକୁନହୁ ଫିଦୟାତୁନ୍ ତାଆମୁ ମିସ୍‌କିନ୍। ଫମନ୍ ତତଓ୍ୱା ଖୈରନ୍ ଫହୁଓ୍ୱା ଖୈରୁଲ୍ ଲହୁ। ଓ୍ୱଅନ୍ ତସୁମୁ ଖୈରୁଲ୍ ଲକୁମ୍ ଇନ୍ କୁନ୍‌ତୁମ୍ ତାଲମୁନ୍। ଶହ୍‌ରୁ ରମଜାନଲ୍ ଲଜିଉନ୍‌ଜିଲା ଫିହିଲ୍ କୁରଆନ୍ ହୁଦଲ୍ ଲିନ୍‌ନାସି ଓ୍ୱ ବୈଇନାତିମ୍ ମିନଲ୍ ହୁଦା ଓ୍ୱଲ୍ ଫୁରକାନ୍। ଫମନ୍ ଶହିଦା ମିନ୍‌କୁମୁଶ୍ ଶହରା ଫଲ୍ ୟସୁମ୍। ଓ୍ୱମନ୍ କାନା ମରିଜନ୍ ଅଓ୍ୱଅଲା ସଫରିନ୍ ଫଇଦ୍‌ଦତୁମ୍ ମିନ୍ ଅୟାମିନ୍ ଉଖର୍। ୟୁରିଦୁଲ୍ଲାହୁ ବିକୁମୁଲ୍ ୟୁସରା ଓ୍ୱଲା ୟୁରିଦୁବିକୁମୁଲ୍ ଉସରା। ଓ୍ୱଲିତୁକ୍ ମିଲୁଲ୍ ଇଦ୍‌ଦତା ଓ୍ୱଲି ତୁକବ୍‌ବିରୁଲ୍ଲାହା ଅଲା ମାହଦାକୁମ୍ ଓ୍ୱଲଅଲ୍ଲକୁମ୍ ତଶ୍‌କୁରୁନ୍। ଓ୍ୱଇଜା ସାଅଲକା ଇବାଦି ଅନ୍ନି ଫଇନ୍ନି କରିବ୍ ଉଜିବୁ ଦାଅତଦ୍‌ଦାଇ ଇଜାଦାନି ଫଲ୍‌ୟସ୍‌ତଜିବୁଲି ଓ୍ୱଲ୍‌ୟୁମିନୁବି ଲଅଲ୍ଲହୁମ୍ ୟର୍‌ଶୁଦୁନ୍। (ସୁରେ ବକରା-୧୮୪ରୁ୧୮୭) ଅର୍ଥାତ ହେ ବିଶ୍ୱାସକାରୀମାନେ! ତୁମମାନଙ୍କ ଉପରେ ରୋଜା ରଖିବା (ସେହିପରି) ଧାର୍ଯ୍ୟ କରାଯାଇଛି ଯେପରି ତୁମମାନଙ୍କ ପୂର୍ବବର୍ତୀ ଲୋକମାନଙ୍କ ଉପରେ ଧାର୍ଯ୍ୟ କରାଯାଇଥିଲା। ଫଳରେ ତୁମେମାନେ ଧର୍ମପରାୟଣ ହେବ ଏବଂ ଆଧ୍ୟାତ୍ମିକ ଓ ନୈତିକ ଦୁର୍ବଳତାରୁ ରକ୍ଷା ପାଇବ। ସୁତରାଂ ତୁମେମାନେ ରୋଜା ରଖ କେତେକ ନିର୍ଦ୍ଧିଷ୍ଟ ଦିନରେ ଏବଂ ତୁମମାନଙ୍କ ମଧ୍ୟରେ ଯେଉଁମାନେ ପୀଡ଼ିତ ଥିବେ ଅବା ଯାତ୍ରା କରୁଥିବେ ତେବେ (ତାହାକୁ) ଅନ୍ୟଦିନରେ ଉକ୍ତ ସଂଖ୍ୟା (ରୋଜା) ପୂରଣ କରିବାକୁ ହେବ ଏବଂ ଯେଉଁମାନେ ଏହାର ସାମର୍ଥ ଅର୍ଥାତ ରୋଜା ରଖିବାର ଶକ୍ତି ରଖୁନଥିବେ (କ୍ଷତିପୂରଣ ସ୍ୱରୂପ) ନିଜ ସାମର୍ଥାନୁଯାୟୀ ଜଣେ ଦରିଦ୍ରଲୋକଙ୍କୁ ଖାଇବା ଦେବା ବିଧେୟ ଅଟେ। ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ଆଜ୍ଞାପାଳନ କରି କୌଣସି ପୁଣ୍ୟ କାର୍ଯ୍ୟ କରିବ ଏହା ତା ପକ୍ଷେ ଉତ୍କୃଷ୍ଟ ହେବ ଏବଂ ଯଦି ତୁମେ ଜାଣିଥାଅ ତେବେ ବୁଝିପାରିବ ଯେ ରୋଜା ରଖିବା ତୁମମାନଙ୍କ ପକ୍ଷରେ ଫଳପ୍ରଦ। ରମଜାନର ମାସ ହେଉଛି ସେହିମାସ ଯହିଁରେ ପବିତ୍ର କୁରଆନ ଅବତୀର୍ଣ୍ଣ ହୋଇଅଛି। ଯାହା ସମସ୍ତ ଲୋକମାନଙ୍କ ପାଇଁ ସତ୍‌ପଥ ପ୍ରଦର୍ଶକ ରୂପେ ପ୍ରେରିତ ହୋଇଅଛି। ଯହିଁରେ ପ୍ରକାଶ୍ୟ ପ୍ରମାଣମାନ ରହିଅଛି, ଏପରି ପ୍ରମାଣ ଯାହା ସତ୍‌ପଥ ପ୍ରଦର୍ଶିତ କରେ ଏବଂ ତତ୍‌ସଙ୍ଗେ ପବିତ୍ର କୁରଆନ୍‌ରେ ଅଲ୍ଲାଃଙ୍କର ନିଦର୍ଶନମାନ ମଧ୍ୟ ରହିଅଛି। ସୁତରାଂ ତୁମମାନଙ୍କ ମଧ୍ୟରୁ ଯେ କେହି ଏହି ମାସକୁ ଏପରି ଅବସ୍ଥାରେ ପାଏ କି ନା ସେ ପୀଡ଼ିତ ଅବା ଯାତ୍ରା କରୁଥିବ ତେବେ ତାହା ପାଇଁ ସେହି ମାସରେ ରୋଜା ରଖିବା ଉଚିତ୍ ଏବଂ ଯେ ପୀଡ଼ିତ ଅବା ଯାତ୍ରା କରୁଥାଏ ତାହାକୁ ଅନ୍ୟ ଦିନରେ ଏହି ସଂଖ୍ୟା ପୂରଣ କରିବା ଅପରିହାର୍ଯ୍ୟ। ଅଲ୍ଲାଃତାଲା ତୁମମାନଙ୍କ ନିମନ୍ତେ ସହଜତା ଇଚ୍ଛା କରନ୍ତି ଏବଂ ତୁମମାନଙ୍କ ପାଇଁ କଠିନତା ଇଚ୍ଛା କରନ୍ତି ନାହିଁ। ଏହି ଆଦେଶ ଏଥିପାଇଁ ଦିଆଯାଇଛି କି ତୁମେ କଠିନତାରୁ ରକ୍ଷା ପାଅ ଏବଂ ତୁମେ ଗଣତି ପୂରଣ କରିପାରିବ ତଥା ଅଲ୍ଲାଃଙ୍କ ତୁମମାନଙ୍କୁ ସତ୍‌ପଥ ଦେଖାଇଥିବାରୁ ତାଙ୍କ ମହିମା ଗାନ କର। ଫଳରେ ତୁମେମାନେ ତାଙ୍କର କୃତଜ୍ଞ ହେବ। ହେ ରସୁଲ୍! ଯେବେ ଆମ୍ଭ ଭକ୍ତମାନେ ତୁମକୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ କୁହ ଆମ୍ଭେ ସେମାନଙ୍କ ନିକଟରେ ଅଛୁ। ଯେତେବେଳେ ପ୍ରାର୍ଥନାକାରୀ ଆମ୍ଭ ନିକଟରେ ପ୍ରାର୍ଥନା କରନ୍ତି ଆମ୍ଭେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ। ସୁତରାଂ ଆମ୍ଭ ଆଦେଶ ଗ୍ରହଣ କରିବା ଓ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ଉପରେ ବିଧେୟ ବସ୍ତୁତଃ ସେମାନେ ସତ୍‌ପଥଗାମୀ ହେବେ।

ହଜୁର ଅନଓ୍ୱର ଅ.ବ କହିଲେ- ଉକ୍ତ ପଂକ୍ତିରେ ଅଲ୍ଲାଃତାଲା ରୋଜା ରଖିବାର ବୈଦ୍ଧତା, ତାହାର ଗୁରୁତ୍ୱ ତଥା ଏହି ମାସରେ ମୋମିନ୍‌ମାନଙ୍କ କର୍ତବ୍ୟ ଓ ଦୁଆ ସ୍ୱୀକାର ହେବାର ମାର୍ଗ ଦର୍ଶାଇଛନ୍ତି। ସେ ଆମମାନଙ୍କ ସକାଶେ ଏକ ଏପରି ମାସ ଧାର୍ଯ୍ୟ କରିଛନ୍ତି ଯେଉଁଥିରେ କି ସେ ନିଜ ଭକ୍ତମାନଙ୍କର ଅତି ନିକଟତର ହୋଇଥାନ୍ତି ଏବଂ ଶୈତାନକୁ କବଳିତ କରିଦେଇଥାନ୍ତି। ଅତଃ ଯେତେବେଳେ ଅଲ୍ଲାଃଙ୍କ ନିକଟରୁ ଭକ୍ତମାନଙ୍କ ଉପରେ ଏଭଳି ଦୟା କରୁଣା ଓ କୃପାର ଦ୍ୱାର ଉନ୍ମୁକ୍ତ କରାଯାଏ ତେବେ ଆମ୍ଭମାନଙ୍କୁ କିଭଳି ଭାବରେ ଅଲ୍ଲାଃତାଲାଙ୍କ ଉପଦେଶାବଳୀ ଶୁଣି ରୋଜାର କର୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟା କରିବା ଉଚିତ୍। ଏକ ଅବସରରେ ହଜରତ ମହମ୍ମଦ ସ.ଅ କହିଲେ- ଯଦି ତୁମମାନଙ୍କୁ ଜ୍ଞାତ ହୁଏ କି ରମଜାନର କି କି ବିଶେଷତା ରହିଛି ଓ ଅଲ୍ଲାଃତାଲା ନିଜ ଭକ୍ତ ସହ କିଭଳି ଏବଂ କେଉଁ ସ୍ତରର ଦୟା ଆଚରଣ କରିବାକୁ ଚାହୁଁଛନ୍ତି ତେବେ ତୁମେ ବର୍ଷ ସାରା ରମଜାନ ହେବାର କାମନା କରନ୍ତେ। ଯଦ୍ୱାରା ଆମେ ବର୍ଷ ସାରା ଅଲ୍ଲାଃଙ୍କ କୃପା ହାସଲ କରିପାରନ୍ତେ। ସୁତରାଂ ରୋଜା ଆମମାନଙ୍କ ଉପକାର ନିମନ୍ତେ ଅଲ୍ଲାଃ

ଧାର୍ଯ୍ୟ କରିଛନ୍ତି । ରୋଜା (ରଖିବା) ଦ୍ୱାରା ଆମେ ଆଧ୍ୟାତ୍ମିକ ଓ ଶାରୀରିକ ଉଭୟ ପ୍ରକାର ଉପକାର ଲାଭ କରିଥାଉ । ଏବେ ତ ଗୈର ମୁସଲିମ୍ ଡ଼ାକ୍ତରମାନେ ମଧ୍ୟ ଏ କଥା କୁ ମାନୁଛନ୍ତି । ପ୍ରଥମେ କିଛି ଲୋକ ଥିଲେ ଏହାକୁ ସ୍ୱୀକାର କରୁଥିଲେ ଏବେ ସେମାନଙ୍କ ସଂଖ୍ୟା ବଢ଼ି ଚାଲିଛି ଯେ ରୋଜ ଦ୍ୱାରା ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ବହୁତ ଭଲ ପ୍ରଭାବ ପଡ଼ିଥାଏ ବରଂ କିଛି ଗୈର ମୁସଲିମ୍ (ଅର୍ଥାତ୍ ଅଣ ମୁସଲମାନମାନେ) ଏହା ଲେଖିବାକୁ ଲାଗିପଡ଼ିଲେଣି ଯେ ରୋଜା ଦ୍ୱାରା ମନୁଷ୍ୟ ଜୀବନରେ ଶୃଙ୍ଖଳତା ଭାବ ଉତ୍ପନ ହୋଇଥାଏ । ସେ ଯାହା ହେଉ ଏ ସଂସାରିକ ଲୋକ କୁହନ୍ତୁ ବା ନ କୁହନ୍ତୁ ଜଣେ ପ୍ରକୃତ ମୁମିନ୍ ତ ଏହାର ଅନୁଭବ ରଖିଛି ଯେ ରୋଜା ରଖିବା ଦ୍ୱାରା ଯେଉଁସ୍ଥଳେ ଆମର ଶରୀରର ଉପକାର ସାଧିତ ହୋଇଥାଏ ସେହିସ୍ଥଳେ ତା'ଠାରୁ ବେଶ୍ ଅଧିକ ଆଧ୍ୟାତ୍ମିକ ଉନ୍ନତି ସାଧିତ ହୋଇଥାଏ । ଅତଃ ଆମ୍ଭମାନଙ୍କୁ ଅଲ୍ଲାଃଙ୍କ ଏହି ଆଦେଶ ମୁତାବକ ଅମଳ କରି ରମଜାନ ମାସରେ ଆଧ୍ୟାତ୍ମିକତାରେ ଉନ୍ନତି କରିବାକୁ ପୂର୍ଣ୍ଣ ପ୍ରଚେଷ୍ଟା କରିବା ଉଚିତ୍ ।

ଉପରୋକ୍ତ ପଂକ୍ତିରେ ଯେଉଁ କଥା ବର୍ଣ୍ଣନା କରାଯାଇଛି ତାହା ଏହି କି ଯେ, ଜଣେ ମୋମିନ୍ ଓ ପ୍ରତ୍ୟେକ ମୁସଲମାନ ଉପରେ ରୋଜା ରଖିବା ବୈଧ ଅଟେ । ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ଭୋକିଲା ରହିବା ଏହା ରୋଜା ନୁହେଁ ହଜରତ ମସିହ ମଉଦ ଅ.ସ କୁହନ୍ତି- ଏଥିରେ ଅଲ୍ଲାଃଙ୍କ ଉଦ୍ଦେଶ୍ୟ ଗୋଟିଏ ଖାଦ୍ୟକୁ କମ୍ କର ଓ ଅନ୍ୟଟିକୁ ବଢାଅ । ସର୍ବଦା ଜଣେ ରୋଜାଦାରକୁ ମନେରଖିବା ଉଚିତ୍ ଯେ ରୋଜା ରଖିବାର ଅର୍ଥ ମାତ୍ର ଏତିକି ନୁହେଁ ଯେ ଜଣେ ଭୋକ ଉପାସ ବରଦାସ୍ତ କରୁ ବରଂ ତାହାକୁ ଆବଶ୍ୟକ କି ସେ ଅଲ୍ଲାଙ୍କ ଗୁଣଗାନ କରିବାରେ ଲାଗିରହୁ ଯଦ୍ୱାରା (ସାଂସାରିକ ମୋହମାୟା)ଠାରୁ ସମ୍ପର୍କ ତୁଟେଇବା ସହଜ ସାଧ ହେବ । ଅର୍ଥାତ୍ ଖୁଦାତାଲାଙ୍କ ସହିତ ସମ୍ପର୍କ ଯୋଡ଼ି ରଖିବ ଓ ତାର ଉପାସନା ଓ ତା'ର ସ୍ତୁତି ଗାନରେ ମଣିଷ ବଢ଼ି ଚାଲିବ ଏବଂ ସଂସାର ପ୍ରତି ତା'ର ଧ୍ୟାନ କମ୍ ରହିବ । ସାଂସାରିକ କାର୍ଯ୍ୟ ତ ସଙ୍ଗେ ସଙ୍ଗେ ଚାଲିଥାଏ ତାହା ରୋକେ ନାହିଁ କିନ୍ତୁ ସେ ଗୁଡ଼ିକ କରିବା ସହିତ ମଧ୍ୟ ଖୁଦାତାଲାଙ୍କୁ ମନେ ରଖ, ତା'ର ନିର୍ଦ୍ଦେଶାବଳୀ ଉପରେ ଦୃଷ୍ଟି ଦିଅ ଏବଂ ତା'ର ସ୍ତୁତିଗାନ କରିଚାଲ ଆପଣ ଆହୁରି କୁହନ୍ତି ଅତଏବ ରୋଜା ରଖିବାରେ ଏତିକି ଉଦ୍ଦେଶ୍ୟ ରହିଛି କି ମଣିଷ ଗୋଟିଏ ରୋଟି ଯାହାକି ଶରୀରକୁ ସୁସ୍ଥ ରଖିଥାଏ, ଛାଡ଼ି ଅନ୍ୟ ଗୋଟିଏ ରୋଟିକୁ ହାସଲ କରିବାକୁ ଚେଷ୍ଟା କରିବା ଯାହା ଆତ୍ମ ତୃପ୍ତି ଓ ଶାନ୍ତି ପ୍ରଦାନକାରୀ ଅଟେ । ଯେଉଁମାନେ କେବଳ ଅଲ୍ଲାଃଙ୍କ ଖାତିର ରୋଜା ରଖିଥାନ୍ତି ଓ ରୀତିପ୍ରଥାର ପାଳନ କରିବାକୁ ଯାଇ (ଉପବାସ) ରଖିନଥାନ୍ତି, ସେମାନଙ୍କୁ ଆବଶ୍ୟକ କି ଅଲ୍ଲାଃତାଲାଙ୍କ ହମଦ୍, ତସ୍‌ବିହ୍ ଏବଂ ତହଲିଲ୍ (ଅର୍ଥାତ୍ ଗୁଣଗାନ, ସ୍ତୁତିଗାନ ଓ ତାଙ୍କ ଉପାସନା କରିବାରେ ମଗ୍ନ ରୁହନ୍ତୁ ।"

*(ମଲ୍‌ଫୁଜାତ୍ ଖଣ୍ଡ-୯, ପୃ-୧୨୩)*

ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ କହିଛନ୍ତି ଯେ, ଅଲ୍ଲାଃ ତାଲାଙ୍କୁ ତୁମର ଭୋକିଲା ରହିବାରେ କୌଣସି ଗରଜ ନାହିଁ ।

*(ସହି ବୁଖାରୀ କିତାବୁସ୍ ସୱ୍‌ମ୍...... ହଦୀସ ୧୯୦୩)*

ପୁଣି ଅଲ୍ଲାଃ ତାଲା ଏହି ଆୟତରେ କହୁଛନ୍ତି ଯେ, ରୋଜା ତୁମ ପାଇଁ ଏଥିଯୋଗୁଁ ଫର୍ଜ ଅର୍ଥାତ୍ ଧାର୍ଯ୍ୟ କରାଯାଇଛି ଯେ, ଯଦ୍ୱାରା ତୁମେ ତକ୍‌ୱା ଅର୍ଥାତ୍ ଧର୍ମପରାୟଣତା ଗ୍ରହଣ କର । ତକ୍‌ୱା କ'ଣ ? ତକ୍‌ୱା ହେଉଛି ଏହା କି ତୁମେ ଆଧ୍ୟାତ୍ମିକ ଓ ଚାରତ୍ରିକ ଦୁର୍ବଳତାରୁ ବଂଚ ଯେପରି ମୁଁ ପୂର୍ବରୁ ବର୍ଣ୍ଣନା କରିସାରିଛି ଯେ, ଆଁ ହଜ୍‌ରତ୍ ସ:ଆ:ସ ଏ କଥା କହିଛନ୍ତି ଅଲ୍ଲାଃ ତାଲାଙ୍କୁ ତୁମର ଭୋକିଲା ରହିବାରେ କୌଣସି ଗରଜ ନାହିଁ ଯେ ପର୍ଯ୍ୟନ୍ତ ତୁମ ଭିତରେ ରୋଜା ତକ୍‌ୱାର ସେହି ସ୍ତର ସୃଷ୍ଟି ନ କରିଛି ଯାହା ଦ୍ୱାରା ତୁମେ ସମସ୍ତ ଆଧ୍ୟାତ୍ମିକ ଦୁର୍ବଳତା ଓ ଚାରତ୍ରିକ ଦୁର୍ବଳତାରୁ ଆପେ ନିଜକୁ ବଂଚାଇବ (ନଚେତ୍) ରୋଜା ରଖିବା ଲାଭହିନ । ଅଲ୍ଲାଃତାଲା ରୋଜାର ଉଦ୍ଦେଶ୍ୟ ଧର୍ମପରାୟଣ ହେବା ଦର୍ଶାଇଛନ୍ତି ଏବଂ ଧର୍ମପରାୟଣତା ସମ୍ବନ୍ଧରେ ହଜରତ ମସିହ ମଉଦ ଅ.ସ କୁହନ୍ତି-

**"ମୁତ୍‌ତକି ହେବା ନିମନ୍ତେ ଏହା ଜରୁରୀ ଅଟେ ଯେ, ବଡ଼ବଡ଼ କଥା ଉଦାହରଣ ସ୍ୱରୁପ ବେବିଚାର, ଚୋରି, ଅଧିକାର କ୍ଷୂର୍ଣ୍ଣ (ଅର୍ଥାତ୍ ଲୋକମାନଙ୍କର ହକ୍ ମାରିବା ଓ ତାଙ୍କର ହକ୍ କୁ ଛଡ଼ାଇନେବା), ଦେଖାଣିଆ ଭାବ, ଅନ୍ୟକୁ ନିମ୍ନ ଦୃଷ୍ଟିରେ ଦେଖିବା ଏବଂ କୃପଣତା ଇତ୍ୟାଦି କାର୍ଯ୍ୟରେ ଫସି ରହିବା (ଅର୍ଥାତ୍ ଏହି ଯେଉଁ ସମସ୍ତ ଖରାପ କାର୍ଯ୍ୟ ଅଛି ସେହି ଗୁଡ଼ିକୁ ପରିତ୍ୟାଗ କରିବାରେ ଲାଗିରହିଥିବ । ସୁତରାଂ ଧର୍ମପରାୟଣ ହେବା ନିମନ୍ତେ ଆବଶ୍ୟକ କି ମନ୍ଦ କାର୍ଯ୍ୟକଳାପରୁ ନିବୃତ ରହି ତାହା ମୁକାବିଲାରେ ପୁଣ୍ୟ କର୍ମରେ ଉନ୍ନତି କରିବା । ଲୋକମାନଙ୍କ ସହ ବିନ୍ରମ ଆଚରଣ କରିବା,** ଈଶ୍ୱରଙ୍କ ସହ ନିଷ୍ଠାପର, ବିଶ୍ୱସ୍ତ ଓ ସଚ୍ଚୋଟତାର ପ୍ରଦର୍ଶନ କରିବା । ସେବା କରିବାର ଅବସର ଖୋଜିଚାଲ" (ଏହା ଭିତରେ ସବୁ ପ୍ରକାରର ଅଧିକାର ଯାହା ଅଲ୍ଲାଃ ତାଲାଙ୍କୁ ଦେବା ଉଚିତ, ତାହା ମଧ୍ୟ ଆସିଗଲା । ଅର୍ଥାତ୍ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶ ଗୁଡ଼ିକୁ ପୂରଣ କରିବା ଓ ଲୋକମାନଙ୍କ ସହିତ ଯେଉଁ ସମ୍ବନ୍ଧ ରହିଛି, ସେମାନଙ୍କର ସେବା କରିବା ତାହା ମଧ୍ୟ ଆସିଗଲା । ଅର୍ଥାତ୍ ଏପରି ନିଃସ୍ୱାର୍ଥପର ସେବା ହେଉ ଯେ, ଯଦ୍ୱାରା ଲୋକମାନେ ଏହା କହିବେ କି ଯେ ତ ପ୍ରକୃତରେ ଖୁଦାତାଲାଙ୍କ ଖାତିର୍ ଖିଦ୍‌ମତ୍ କରୁଅଛି କୌଣସି ପ୍ରକାରର ସ୍ୱାର୍ଥ ନିଜେ ରଖିନାହିଁ) ପୁଣି କହୁଛନ୍ତି ଯେ " ଏହି ସବୁ କଥାଗୁଡ଼ିକ ଦ୍ୱାରା ମନୁଷ୍ୟ ଧର୍ମପରାୟଣ ବୋଲାଇ ଥାଏ ଅର୍ଥାତ୍ ଯେଉଁ ଲୋକମାନେ ଏହି ଗୁଣର ଅଧିକାରି ହୋଇଥାନ୍ତି ସେମାନେ ଧର୍ମନିଷ୍ଠ ବୋଲାଇଥାନ୍ତି । ଅର୍ଥାତ୍ ଯଦି ଗୋଟିଏ ଗୋଟିଏ ଉତମ ଗୁଣ ଅଲଗା ଅଲଗା ଲୋକଙ୍କଠାରେ ଥାଏ ତେବେ ତାଙ୍କୁ ମୁତ୍‌ତକି କହିବା ନାହିଁ ଯେ ପର୍ଯ୍ୟନ୍ତ ସମସ୍ତ ଉତମ ଚରିତ୍ରର ସମାହାର ତାହା ମଧ୍ୟରେ ନ ରହିଛି ତେଣୁ ଏହି ପରି ବ୍ୟକ୍ତିଙ୍କ ନିମନ୍ତେ ଅଲ୍ଲାଃ ତାଲା କହୁଛନ୍ତି **ଲା ଖୌଫୁନ୍ ଆଲୈହିମ୍ ୱ୍ଲାହୁମ୍ ୟହଜନୁନ୍** *(ବକ୍‌ରାଃ: ୬୩)* ଅର୍ଥାତ୍ ନା'ତ ସେମାନଙ୍କୁ କୌଣସି ଭୟ ରହିବ ନା'ତ ସେମାନେ ଦୁଃଖ କରିବେ ଅଲ୍ଲାଃ ତାଲା ସେମାନଙ୍କୁ ଏହି ଯମାନତ୍ ଦେଇଛନ୍ତି । ଯେତେବେଳେ ଅଲ୍ଲାଃ ତାଲାଙ୍କଠାରୁ ଏହି ଯମାନତ୍ ମିଳିଗଲା ତେବେ ତା ପରେ ସେମାନଙ୍କୁ ଆଉ କ'ଣ ଦରକାର । "ଅଲ୍ଲାଃତାଲା ଏପରି ଲୋକମାନଙ୍କ ମିତ୍ର ହୋଇଯାଇଥାନ୍ତି ଯେପରିକି ସେ କୁହନ୍ତି- **ୱ୍ହୁଓ୍ୱା ୟତୱ୍ଲଲ୍ଲସ୍ ସ୍ୱାଲିହିନ୍** *(ଆରାଫ୍: ୧୯୭)* ପବିତ୍ର ହଦିସ୍‌ରେ ଉଲ୍ଲେଖ ରହିଛି ଅଲ୍ଲାଃତାଲା ସେମାନଙ୍କର ଭୁଜା ହୋଇଯାଇଥାଏ ଯାହା ମାଧ୍ୟମରେ ସେମାନେ ଧରିଥାନ୍ତି, ସେମାନଙ୍କ ଚକ୍ଷୁ ହୋଇଯାଇଥାଏ ଯାହା ମାଧ୍ୟମରେ ସେମାନେ ଦେଖିଥାନ୍ତି, ସେମାନଙ୍କ କର୍ଣ୍ଣ ହୋଇଯାଇଥାଏ ଯାହା ମାଧ୍ୟମରେ ସେମାନେ ଶୁଣିଥାନ୍ତି, ସେମାନଙ୍କ ପାଦ ହୋଇଥାଏ ଯାହା ଦ୍ୱାରା ସେମାନେ ଆଗକୁ ବଢିଚାଲିଥାନ୍ତି । ଆଉ ଗୋଟିଏ ହଦିସ୍ ଏପରି ଅଛି କି, ଯିଏ ମୋ ମିତ୍ରର ଶତୃତା କରିଥାଏ ମୁଁ ତାକୁ କହୁଛି ଯେ ସେ ମୋ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହୁ । ଆଉ ଏକ ସ୍ଥାନରେ କହୁଛନ୍ତି ଯେ ଯେବେ କିଏ ଖୁଦାଙ୍କ ମିତ୍ର ଉପରେ ଆକ୍ରମଣ କରିଥାଏ ସେତେବେଳେ ଖୁଦାତାଲା ତା ଉପରକୁ ଲମ୍ଫ ମାରି ଆସିଥାଏ ଯେପରି ଗୋଟିଏ ବାଘୁଣୀଠାରୁ ତା'ର ପିଲା ଛଡ଼ାଇନେବା ଦ୍ୱାରା ସେ କ୍ରୋଧରେ ଜର୍ଜରିତ ହୋଇ ଲମ୍ଫ ଦେଇଥାଏ" । *(ମଲ୍‌ଫୁଜାତ୍ ଖଣ୍ଡ-୪, ପୃ-୪୦୦ ରୁ ୪୦୧)*

ସୁତରାଂ ରୋଜାର ହକ୍‌କୁ ସମ୍ପାଦନା କରି ଯେତେବେଳେ ତକ୍‌ୱାର ଏହି ସ୍ତର ଥିବ ସେତେବେଳେ ସେହି ରୋଜା ମଧ୍ୟ ଜଣେ ମନୁଷ୍ୟକୁ, ଜଣେ ମୁମିନ୍‌ଙ୍କୁ, ଜଣେ ମସୁଲ୍‌ମାନଙ୍କୁ ଅଲ୍ଲାଃ ତାଲାଙ୍କ ଢ଼ାଲ ପଛପଟକୁ ନେଇ ଆସିଥାଏ ।

ହଜରତ ଅବୁହୁରେରାଃ ର.ଅ ବର୍ଣ୍ଣନା କରନ୍ତି ହଜରତ ମହମ୍ମଦ ସ.ଅ କହିଲେ ରୋଜାକୁ ବାଦ ଦେଇ ମଣିଷର ସମସ୍ତ କାର୍ଯ୍ୟ ତାହାର ନିଜ ପାଇଁ ହୋଇଥାଏ କିନ୍ତୁ ରୋଜା ସେ ମୋ ପାଇଁ ରଖିଥାଏ । ଆହୁରି କହିଲେ କି ମୁଁ ତାହାର ପରିଣାମ ପ୍ରଦାନ କରିଥାଏ । ଅର୍ଥାତ ନିଜ ତରଫରୁ ଯାହା ଇଚ୍ଛା ପ୍ରଦାନ କରିଥାଏ । ହଜରତ ମହମ୍ମଦ ସ.ଅ କହିଲେ ରୋଜା ଏକ କବଚ । ଅତଃ ଯେତେବେଳେ ତୁମମାନଙ୍କ ମଧ୍ୟରୁ କେହି ରୋଜା ରଖିଥିବ ସେତେବେଳେ ନା ସେ କାମବାସନା ସମ୍ବନ୍ଧୀୟ କଥାବାର୍ତା ନା ଗାଳିଗୁଲୋଜ କରିବା ଉଚିତ୍ । ଯଦି ତାଙ୍କୁ କେହି ଗାଳିଗୁଲୋଜ କରେ ଅବା ତାହା ସହ ଝଗଡ଼େ ତେବେ ଉତରରେ ତାହାକୁ କହିବା ଉଚିତ୍ କି ମୁଁ ତ ରୋଜାଦାର ଅଟେ । ଏଥିଅନ୍ତେ ହଜରତ ମହମ୍ମଦ ସ.ଅ କହିଲେ- ସେହି ସର୍ବଶକ୍ତିମାନଙ୍କ ରାଣ ଯାହାଙ୍କ ହସ୍ତରେ ମହମ୍ମଦ ସ.ଅଙ୍କ ଜୀବନ ନାଟିକା ରହିଛି ରୋଜାଦାରର ମୁଖର ଗନ୍ଧ ଅଲ୍ଲାଃଙ୍କ ନିକଟରେ କସ୍ତୁରୀ ଠାରୁ ଅଧିକ ସୁଗନ୍ଧିତ । ହଜୁର ସ.ଅ କହିଲେ ରୋଜାଦାର ନିମନ୍ତେ ଦୁଇଟି ସୁସମ୍ବାଦ ରହିଛି **ପ୍ରଥମ** ଯେତେବେଳେ ସେ ରୋଜା ଖୋଲିଥାଏ, ଆନନ୍ଦିତ ହୋଇଥାଏ । **ଦ୍ୱିତୀୟରେ** ଯେତେବେଳେ ସେ ନିଜ ପାଳନକର୍ତା ସହ ସାକ୍ଷାତ କରିବ ସେତେବେଳେ ରୋଜା ରଖିଥିବା ଯୋଗୁଁ ଆନନ୍ଦିତ ହେବ । କାରଣ ସେଠାରେ ପୁଣି ଅଲ୍ଲାଃ ତାଲା କହୁଛନ୍ତି ଯେ ମୁଁ ହେଉଛି ତାର ପୁରସ୍କାର ଅର୍ଥାତ୍ ମୁଁ ତାକୁ ପ୍ରତିଫଳ ପ୍ରଦାନ କରିବି ଏବଂ ସେହି (ଅମୁଲ୍ୟ) ପୁରସ୍କାର ଯାହା ତାକୁ ଅଲ୍ଲାଃ ତାଲା ଦେବେ ତାହାର କାରଣ ହେଉଛି ଏହା କି ସେ ଅଲ୍ଲାଃ ତାଲାଙ୍କ ଖାତିର୍ ରୋଜା ରଖିଥାଏ ତେଣୁ ସେଠାରେ ତା'ର ଆନନ୍ଦର ଅବସ୍ଥା ଆଉ ଏକ ପ୍ରକାରର ହେବ । *(ସହି ବୁଖାରୀ କିତାବୁସ୍ ସୱ୍‌ମ୍...... ହଦିସ ୧୯୦୪)*

ଅତଃ ଏହା ଧର୍ମପରାୟଣତାର ସେହି ସ୍ତର ଯାହାକି ଜଣେ ନିଷ୍ଠାପର ରୋଜାଦାରକୁ ହାସଲ କରିବାକୁ ଚେଷ୍ଟା କରିବା ଉଚିତ୍ । ସମସ୍ତ ପ୍ରକାର ଆଧ୍ୟାତ୍ମିକ ଓ ଚାରିତ୍ରିକ ଦୁର୍ବଳତାରୁ ନିଜକୁ ରକ୍ଷା କରି ରୋଜାଦାର ନିଜର ଦିନକୁ ଅତିବାହିତ କରନ୍ତୁ । ଏକଥାରେ ଖୁସି ନ ହୋଇଯାନ୍ତୁ ଯେ ମୁଁ ରୋଜା ରଖିଛି । ଏ ଦୁନିଆରେ ରୋଜାଦାର ଅଛନ୍ତି ଯେଉଁମାନେ ରୋଜା ତ ପ୍ରକାଶ୍ୟରେ ରଖିଥାନ୍ତି କିନ୍ତୁ ନାଁ ତ ସେମାନଙ୍କ ନମାଜରେ ଏପରି ସ୍ତର ଅଛି ଯାହା ହେବା ଉଚିତ, ନାଁ ତ ସେମାନଙ୍କର ଚରିତ୍ରର ଏପରି ସ୍ତର ଅଛି ଯାହା ରହିବା ଉଚିତ ।

ହଜରତ ମହମ୍ମଦ ସ.ଅ କହିଲେ- ଯଦି ଏହି ମାସରେ ଶୈତାନକୁ କଏଦ କରିଦିଆଯାଇଥାଏ, ତେବେ ସଂସାରରେ ରମଜାନ ମାସରେ ଅପକର୍ମ କିଭଳି ଅବ୍ୟାହତ ରହିଥାଏ ? ରୋଜା ସେହିମାନଙ୍କ ନିମନ୍ତେ କବଚ ହୋଇଥାଏ, ସେହିମାନଙ୍କୁ ଶୈତାନର କବଳରୁ ରକ୍ଷା କରିଥାଏ ଯେ ରୋଜାର ବାସ୍ତବିକତାକୁ ବୁଝି ଧର୍ମପରାୟଣ ହୋଇଥାନ୍ତି । ଅତଃ ଏହା ସେହି ମୂଳ ଉଦ୍ଦେଶ୍ୟ ଯାହାକି ଆମ୍ଭମାନଙ୍କୁ ପ୍ରତ୍ୟେକ ମୂହୁର୍ତରେ ନିଜ ସମ୍ମୁଖରେ ରଖିବା ଉଚିତ୍ ନଚେତ୍ ଆଁ ହଜ୍‌ରତ୍ ସ:ଆ:ସ ଏହା ମଧ୍ୟ କହିଛନ୍ତି କି, ଅବଶ୍ୟ ରମଜାନ୍ ମାସରେ ବୈକୁଣ୍ଠର ଦ୍ୱାରକୁ ଖୋଲିଦିଆଯାଇଥାଏ ଏବଂ ନର୍କର ଦ୍ୱାରକୁ ତାଲା ଲଗାଇଦିଆଯାଏ ଏବଂ ଶୈତାନକୁ ଶିକୁଳିରେ ବାନ୍ଧି ଦିଆଯାଏ । *(ସହି ମୁସଲିମ୍ କିତାବୁସ୍ ସୱ୍‌ମ୍....... ହଦିସ ୧୦୭୯)*

କିନ୍ତୁ ଏହା ସତ୍ୱେ ମଧ୍ୟ ଆପଣ ସ:ଆ:ସ ଏ ସତର୍କ ସୁଚନା ଦେଇଛନ୍ତି, ଏ କଥା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରାଇଛନ୍ତି ଯେ ଯଦି ପୁଣି ମଧ୍ୟ କୌଣସି ବ୍ୟକ୍ତି ରମଜାନ୍‌କୁ ପାଏ ଓ କ୍ଷମା

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ସଂସାର ପ୍ରାପ୍ତ କରିବାର ଅସଲ ଉଦ୍ଦେଶ୍ୟ ଦୀନ୍ (ଅର୍ଥାତ୍ ଧର୍ମ) ହେଉ ଓ ଏଭଳି ଭାବେ ସଂସାରକୁ ପ୍ରାପ୍ତ କରାଯାଉ ଯେ ତାହା ଦୀନ୍‌ର ଖାଦିମ୍ ଅର୍ଥାତ୍ ସେବକ ହେଉ ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Siddique Ahmed & Family, Jamat Ahemadiya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family, Jamat Ahemadiya, Pankal (Odisha)*

ହାସଲ ନ କରିପାରେ ତେବେ ପୁଣି କେବେ କ୍ଷମା ପାଇବ । *(ସୁନନେ ତିର୍‌ମିଜି ଅବୁଓ୍ୱାବୁଲ୍ ଦାଓ୍ୱାତ୍....... ହଦିସ ୩୫୪୫)*

ସୁତରାଂ ଏ କଥା ଆପଣ ଆମକୁ କହୁଛନ୍ତି । ମୁସଲମାନ ବୋଲାଉଥିବା ଲୋକମାନଙ୍କୁ କହୁଛନ୍ତି, ସେହି ଲୋକମାନଙ୍କୁ କହୁଛନ୍ତି ଯେଉଁମାନଙ୍କୁ ଅଲ୍ଲାଃ ତାଲା କହୁଛନ୍ତି ଯେ, ରୋଜା ତୁମମାନଙ୍କ ପାଇଁ ଫର୍ଜ କରାଯାଇଛି ଯଦ୍ୱାରା ତୁମେ ଏହି ଦିନ ଗୁଡ଼ିକରେ କେବଳ ହିଁ କେବଳ ଖୁଦାତାଲାଙ୍କ ଉପାସନା କର ଓ ଚରିତ୍ରର ଉଚ୍ଚତମ ସ୍ତରକୁ ହାସଲ କରିବା ପାଇଁ ଚେଷ୍ଟା କର । କିନ୍ତୁ ଯଦି ଏପରି ନ କରିବ ତେବେ କେବଳ ରମଜାନ୍‌ର ଆସିବା, ଶୈତାନକୁ ଶିକୁଳି ବନ୍ଧାଯିବା, ବୈକୁଣ୍ଠର ଦ୍ୱାର ଖୋଲାଯିବା ଓ ନର୍କର ଦ୍ୱାରରେ ତାଲା ଲାଗିବା କୌଣସି ଲାଭ ଦେବ ନାହିଁ । ନଚେତ୍ ହଜରତ ମହମ୍ମଦ ସ.ଅ ଆମ୍ଭକୁ ଏହି ଭୟାବହ ଖବର ସମ୍ବନ୍ଧରେ ମଧ୍ୟ ସୂଚିତ କରିଦେଇଛନ୍ତି କି ଯଦି କେହି ରମଜାନକୁ ପାଇବା ସତ୍ତ୍ୱେ ନିଜର ଦୋଷ କ୍ଷମା କରେଇନପାରେ ଏବଂ ଅଲ୍ଲାଃତାଲାଙ୍କ ଏଭଳି ପ୍ରଶସ୍ତ ଦୟାର ଚଦରରୁ ନିଜର କ୍ଷମା ପ୍ରାପ୍ତି କରେଇନପାରେ, ତେବେ ଆଉ କେବେ କରେଇବ ? ଅତଃ ଆମ୍ଭେ ରମଜାନ ମାସର ଆଗମନରେ କେବଳ ଆନନ୍ଦିତ ହୋଇ ପରସ୍ପରକୁ ରୋଜାର ଶୁଭେଚ୍ଛା ଦେବାରେ ସୀମିତ ରହିନଯାଉ ବରଂ ଆମ୍ଭକୁ ନିଜ ଆତ୍ମସମିକ୍ଷା କରିବା ଉଚିତ୍ କି କ'ଣ ଆମ୍ଭେ ରୋଜାର ଉଦ୍ଦେଶ୍ୟ ହାସଲ କରିବାକୁ ଚେଷ୍ଟା କରୁଅଛେ ଅବା ନାହିଁ ? ଅଲ୍ଲାଃତାଲା ଆମ୍ଭ ସମସ୍ତଙ୍କୁ ଏହି ଉଦ୍ଦେଶ୍ୟ ହାସଲ କରିବାକୁ ଶକ୍ତି ପ୍ରଦାନ କରନ୍ତୁ ଏବଂ ନିଜ ଦୟା ଓ କ୍ଷମାର ଚଦରରେ ଆମ୍ଭମାନଙ୍କୁ ଘୋଡ଼େଇ ରଖନ୍ତୁ ।

ପୁଣି ପରବର୍ତ୍ତୀ ଆୟତରେ ଏହା ଦର୍ଶାଇଛନ୍ତି କି କେଉଁ ଅବସ୍ଥାରେ ତୁମେ ରୋଜାରୁ ଛୁଟି ପାଇପାରିବ । କିନ୍ତୁ ଏ କଥା ବତାଇବା ପୂର୍ବରୁ ଏହା ସ୍ପଷ୍ଟ କରିଦେଇଛନ୍ତି ଯେ, ଅଲ୍ଲାଃ ତାଲା ଯେଉଁ କଥା କହିଛନ୍ତି କି, ମୁଁ ରୋଜାର ପ୍ରତିବଦଳ ନିଜେ ହିଁ ହୋଇଥାଏ ଏବଂ ମୁମିନ୍ ମାନଙ୍କୁ ବିଶେଷ ରୂପେ କ୍ଷମା ପ୍ରଦାନ କରିଥାଏ ତେବେ ସେଠାରେ ଏପରି ଭାବନା ନ ଆସୁ ଯେ ଆମେ ରୋଜା ରଖି କୌଣସି ବଡ଼ ବଳିଦାନ ଦେଉଅଛେ ଯେଉଁଥିପାଇଁ ଅଲ୍ଲାଃ ତାଲାଙ୍କ କରୁଣା, ଦୟା ଏବଂ କ୍ଷମାର ଚାଦର ଆମ ଉପରେ ଘୋଡ଼ାଇ ଦିଆଯାଇଛି । ଅବଶ୍ୟ ଅଲ୍ଲାଃ ତାଲାଙ୍କ କରୁଣା ଏବଂ ତାର ଦୟା ବହୁତ ବ୍ୟାପକ କିନ୍ତୁ ଏହା ତ କୌଣସି ଏପରି ଅସାଧାରଣ କୁର୍‌ବାନି ନୁହେଁ (ଯଦ୍ୱାରା ସେ ଏପରି ବ୍ୟବହାର କରିବ) । ସହ୍‌ରି (ରୋଜା ରଖିବା ପାଇଁ ପାହାନ୍ତିଆ ଖାଦ୍ୟ ଖାଇବା) ସମୟରେ ମଧ୍ୟ ପେଟ ପୂରା କରି ଖାଇଦେଉଛନ୍ତି ଇଫ୍‌ତାରି ସମୟରେ ମଧ୍ୟ ନିଜ ମନ ମୁତାବକ ସମସ୍ତେ ଖାଇ ନିଅନ୍ତି ତେବେ ପୁଣି ଏହା କୌଣସି ଏପରି ବଡ଼ ବଳିଦାନ ନୁହେଁ । ବର୍ଷକରେ କିଛି ହାତ ଗଣତି ଦିନ । କିଛି ଲୋକେ ଏପରି ଅଛନ୍ତି ଯେଉଁମାନେ ରୋଜା ରଖି ବହୁତ ଗର୍ବର ସହିତ କହିଥାନ୍ତି ଯେ ଆମେ ରୋଜା ରଖିଛୁ ତେବେ ଏହା କୌଣସି ପ୍ରକାର ବଡ଼ କୁର୍ବାନୀ ନୁହେଁ ଯାହାକୁ ପରିପ୍ରକାଶ କରିବାକଥା ବରଂ ପ୍ରକୃତ ମୁମିନ୍ ତ ବଡ଼ରୁ ବଡ଼ କୁର୍ବାନୀ କରି ମଧ୍ୟ ଭୟ ରଖିଥାଏ ଯେ ଖୁଦାତାଲା କେବେ ଓ କିପରି ରାଜି ହୋଇଯାଆନ୍ତୁ ସେ ଯାହା ହେଉ ଅଲ୍ଲାଃତାଲା କୁହନ୍ତି ଏହା ଗଣତିର ମାତ୍ର କେଇଟା ଦିନ ଅର୍ଥାତ୍ ଏକ ବର୍ଷର ବାର ଭାଗରୁ ଭାଗେ । ଆହୁରି କହିଲେ କି ଏହା ତୁମର କୌଣସି ବହୁତ ବଡ଼ ବଳିଦାନ ନୁହେଁ । ପୁନଶ୍ଚ କହିଲେ ଏତତ୍ ଦ୍ୱାରା ଅଲ୍ଲାଃତାଲା ତୁମକୁ ନିଜ କରୁଣା ପ୍ରାଦାନ କରିଥାନ୍ତି, ଏହି ଗଣତିର କେଇଟା ଦିନରେ ମଧ୍ୟ ଯଦି ତୁମେ କୌଣସି ରୋଗରେ ଆକ୍ରାନ୍ତ ହୋଇଯାଅ ଅବା ତୁମକୁ ଯାତ୍ରା କରିବାକୁ ପଡ଼େ ତେବେ ସେହି ଦିନମାନଙ୍କରେ ତୁମେ ରୋଜାରୁ ବନ୍ଧନମୁକ୍ତ କିନ୍ତୁ ଉକ୍ତ ସଂଖ୍ୟା ଅର୍ଥାତ ରହିଯାଇଥିବା ରୋଜା ବର୍ଷକ ମଧ୍ୟରେ ପୂରଣ କରିବାକୁ ହେବ ଏବଂ ଯେ ଚିରରୋଗାଗ୍ରସ୍ତ ଏବଂ ଯାହାଙ୍କୁ ଡ଼ାକ୍ତର ରୋଜା ନରଖିବାକୁ ପରାମର୍ଶ ଦେଇଥାନ୍ତି, ସେହିମାନେ ଜଣେ ଦରିଦ୍ରକୁ ରୋଜା ରଖାଇବେ । ଏବଂ ସାମର୍ଥ୍ୟ ରଖିଥିବା ପରିସ୍ଥିତିରେ ଏହା ଜରୁରି ଅଟେ କେବଳ ଏତିକି ଯେ ଯଦି କୌଣସି ବ୍ୟକ୍ତି ଏତେ ମାତ୍ରାରେ ଦୁର୍ବଳ କି ତା'ର ଗୁଜୁରାଣ ଅନ୍ୟର ସଦ୍‌କା ଓ ସାହାଯ୍ୟ ଉପରେ ହୋଇଥିବ । ବାକି ପ୍ରତ୍ୟେକ ବ୍ୟକ୍ତି ଯାହା କିଛି ସେ ଖାଇଥାଏ ସେହି ଖୋରାକରୁ ଜଣେ ମିସ୍‌କିନ୍ ଅର୍ଥାତ୍ ଦରିଦ୍ର ବ୍ୟକ୍ତିକୁ ରୋଜା ରଖାଇବା ଜରୁରୀ ଅଟେ । ହଁ ଯଦି ତାର ଶକ୍ତି ଓ ସାମର୍ଥ୍ୟ ଥିବ ଓ ତା ଠାରୁ ଯଦି ଅଧିକ ସମାର୍ଥ୍ୟ ଅଛି ତେବେ ମଧ୍ୟ ଏହା ଠିକ୍ ଯେ ତୁମେ ଫିଦିଆ ମଧ୍ୟ ଦେଇଦିଅ ଓ ପରେ ପୁଣି ରୋଜା ରଖ ।

ହଜ୍‌ରତ୍ ମସିହ ମଉଦ ଆ:ସ ଏ ସମ୍ବନ୍ଧରେ କହୁଛନ୍ତି କି: ଖୁଦା ପ୍ରତ୍ୟେକ ବ୍ୟକ୍ତିଙ୍କୁ ତା ସାମର୍ଥ୍ୟ ଓ ଶକ୍ତିଠାରୁ ଅଧିକା ଦୁଃଖ ଦିଏ ନାହିଁ । ସାମର୍ଥ୍ୟ ଅନୁସାରେ" ଆପଣ ଆ:ସ କହୁଛନ୍ତି କି, ଯେତିକି ସାମର୍ଥ୍ୟ ଅଛି ଯେତିକି ପାରିବ ତା ମୁତାବକ ଯାହା କିଛି ତୁମେ ନିଜେ ଖିଆପିଆ କରୁଛ ସେଥିରୁ ଦେବ । "ପୂର୍ବ ଫିଦିଆ ଦେଇଦିଅ ଓ ଆସନ୍ତାକୁ ଏ ଶପଥ ନିଅ ଯେ ସମସ୍ତ ରୋଜା ଜରୁର ରଖିବି''

*(ମଲ୍‌ଫୁଜାତ ଖଣ୍ଡ-୪, ପୃ-୩୫୦)*

ହଜରତ ମସିହ ମଉଦ ଅ.ସ କୁହନ୍ତି ଏକଦା ମୋ ମନରେ ଏହି ପ୍ରଶ୍ନ ଯାଗ୍ରତ ହେଲା କି ଫିଦୟା କେଉଁଥିପାଇଁ ଧାର୍ଯ୍ୟ କରାଯାଇଛି ? (ଚିନ୍ତା କରିବାରୁ) ଜଣାପଡ଼ିଲା ରୋଜା ରଖିବା ପାଇଁ ସାମର୍ଥ ପ୍ରାପ୍ତ କରିବାକୁ । ଆପଣ କୁହନ୍ତି ଅଲ୍ଲାଃ ତ ସମସ୍ତ ଶକ୍ତିର ଅଧିକାରୀ ଯଦି ସେ ଇଚ୍ଛା କରନ୍ତି ତେବେ ଜଣେ କ୍ଷୟଜ୍ୱର, ଟି.ବିରେ ଆକ୍ରାନ୍ତ ରୋଗୀକୁ ମଧ୍ୟ ସ୍ୟାସ୍ଥ୍ୟବାନ କରିଦେଇଥାନ୍ତି । ଆପଣ କୁହନ୍ତି ଫିଦୟା ଦେବାରେ ଏହି ଉଦ୍ଦେଶ୍ୟ ରହିଛି କି ସାମର୍ଥ ପ୍ରାପ୍ତ ହେବ ଏବଂ ଏହା କେବଳ ଅଲ୍ଲାଃଙ୍କ କୃପା ବଳରେ ହିଁ ସମ୍ଭବ । ଆପଣ ଆ:ସ କହୁଛନ୍ତି କି ମୋ ନିକଟରେ ଏହା ହେଉଛି ବହୁତ ଉତମ କଥା ଯେ, ମନୁଷ୍ୟ ଏ ପ୍ରାର୍ଥନା କରୁ କି, ହେ ଅଲ୍ଲାଃ ଏହା ତୁମର ଏକ ପବିତ୍ର ମାସ ଓ ମୁଁ ଏଥିରୁ ମେହ୍‌ରୁମ୍ ଅର୍ଥାତ୍ ବଂଚିତ ରହୁଛି ଓ ମୁଁ ଜାଣିନାହିଁ ଯେ ଆସନ୍ତା ବର୍ଷ ଜୀବିତ ଥିବି ବା ନଥିବି ବା ଛାଡ଼ିଦେଇଥିବା ଏହି ରୋଜା ଗୁଡ଼ିକୁ ରଖି ପାରିବି ବା ନ ରଖିପାରିବି (ଅର୍ଥାତ୍ ପୂର୍ନବାର ସ୍ୱାସ୍ଥ୍ୟ ଅନୁମତି ଦେବ କି ନ ଦେବ) ଏବଂ ତା'ଠାରୁ ତୌଫିକ୍ ଅର୍ଥାତ୍ ଶକ୍ତି ମାଗୁ । ଆପଣ ଆ:ସ କହୁଛନ୍ତି ଏହି କଥା ଗୁଡ଼ିକ କହି ମନୁଷ୍ୟ ଅଲ୍ଲାଃ ତାଲାଠାରୁ ଶକ୍ତି ଓ ସାମର୍ଥ୍ୟ ମାଗୁ । *(ମଲ୍‌ଫୁଜାତ୍ ଖଣ୍ଡ-୪, ପୃ-୨୫୮)*

ସୁତରାଂ ଅସ୍ଥାୟୀ ରୋଗି ମଧ୍ୟ ଫିଦିଆ ଦେଇପାରିବେ ଏବଂ ପୁଣି ଯାତ୍ରା ଶେଷ ହେବାରେ, ସ୍ୱାସ୍ଥ୍ୟ ଫେରି ଆସିବାରେ ରୋଜା ରଖିବା ମଧ୍ୟ ଜରୁରି ଅଟେ । ଏହି ଦୁଇଟି କଥା ଏଥିରୁ ପ୍ରମାଣ ହେଉଛି । ଆପଣ କୁହନ୍ତି ଯେ ସ୍ୟାସ୍ଥ୍ୟବାନ ହେବା ଅନ୍ତେ ରୋଜା ରଖିବାକୁ ସକ୍ଷମ ହୋଇଥାନ୍ତି ସେମାନଙ୍କ ନିମନ୍ତେ କେବଳ ଫିଦୟା ଦେଇ (ରୋଜାରୁ) ମୁକ୍ତି ପାଇବାର ଚିନ୍ତା କରିବା ବିଧିବଦ୍ଧତାର ଦ୍ୱାର ଉନ୍ମୁକ୍ତ କରିବା ଏବଂ ଅଯଥା ଅନୁମତି ଓ ମନ୍ଦ ପରମ୍ପରାର ପ୍ରଚଳନ କରିବା ଅଟେ । ଯଦି ରମଜାନରେ ଫିଦୟା ମଧ୍ୟ ଦେଉଥାନ୍ତି ତେବେ ସୁଧା ରମଜାନ ଅନ୍ତେ ବର୍ଷକ ମଧ୍ୟରେ ରୋଜା ରଖିବା ଜରୁରୀ ଅଟେ । ବର୍ଷକ ମଧ୍ୟରେ କୌଣସି ସମୟରେ ମଧ୍ୟ ରଖାଯାଇପାରେ । ହଁ ଚିରରୋଗୀ ଓ ସ୍ତନ୍ୟପାନ କରାଉଥିବା ମହିଳା, ଗର୍ଭବତୀ ମହିଳାମାନଙ୍କ ପାଇଁ କେବଳ ଫିଦୟା ଦେବା ଯଥେଷ୍ଟ କିନ୍ତୁ ଫିଦୟା ସହିତ ଉକ୍ତ ମାସରେ ଉପାସନା ଓ ଅଲ୍ଲାଃଙ୍କ ଗୁଣଗାନ କରିବା ତଥା ଅନ୍ୟ ପୁଣ୍ୟକର୍ମ ଅବ୍ୟାହତ ରଖିବା ଜରୁରୀ ଅଟେ । ଏହା ନୁହେଁ କି ଫିଦୟା ଦେଲା ପରେ ଆମେ ସମସ୍ତ ଜିନିଷରୁ ମୁକ୍ତି ପାଇଗଲେ । ଯଦି ରୋଜା ମଧ୍ୟ ନ ରଖୁଛ ଓ ଫିଦିଆ ଦେଉ ଅଛ ଏବଂ ବାକି ସମସ୍ତ ପୂଣ୍ୟ କାର୍ଯ୍ୟକୁ ଜାରୀ ରଖୁଛ ତେବେ ଏହା ମଧ୍ୟ ରମଜାନ୍‌ର ପୁରସ୍କାର ମଧ୍ୟରେ ପରିଗଣିତ ହେବ । କେବଳ ଫିଦିଆ ଦେଇ ନମାଜକୁ ଭୁଲିଯିବା ଓ ଅନ୍ୟାନ୍ୟ ପୂଣ୍ୟ କାର୍ଯ୍ୟକୁ ଭୁଲିଯିବା ଦ୍ୱାରା ମୁମିନ୍ ହୋଇନଥାଏ ଅର୍ଥାତ୍ ପ୍ରକୃତ ମୁମିନ୍ ହୋଇନଥାଏ ଓ ରମଜାନ୍‌ର ବର୍‌କତ୍‌ରୁ ଭାଗ ପାଇନଥାଏ । *(ମଲ୍‌ଫୁଜାତ୍ ଖଣ୍ଡ-୯, ପୃ-୪୩୩)*

ଆପଣ କୁହନ୍ତି ଅଲ୍ଲାଃତାଲା ଉକ୍ତ ଆୟତରେ କହିଛନ୍ତି କି ଯେକୌଣସି ପୁଣ୍ୟ ତୁମେ ସମ୍ପୂର୍ଣ୍ଣ ଆଜ୍ଞାବହତାର ସହ ସମ୍ପାଦନ କରିବ ଅଲ୍ଲାଃ ତାହାର ଉତମ ଫଳ ନିଶ୍ଚିତ ପ୍ରଦାନ କରିବେ । କେତେକଙ୍କ ନିକଟରେ **ଫମନ୍ ତତ୍‌ଓ୍ୱଆ ଖୈରନ୍** ଅର୍ଥ ହେଉଛି ଏହା କି କୌଣସି କାର୍ଯ୍ୟ ଇଚ୍ଛାଧିନ ରୂପେ ମଧ୍ୟ ତୁମେ କର ତେବେ ଏହା ମଧ୍ୟ ତୁମ ପାଇଁ ଉତମ ଅଟେ । ଏହାର ଦୁଇଟି ଅର୍ଥ ରହିଛି ଅର୍ଥାତ୍ ନଫିଲ୍ ଆକାରରେ ଅଧିକ ଫିଦିଆ ଦେଇଦେଲା ବା ଜଣକ ଯାଗାରେ ଦୁଇଜଣ ମିସ୍‌କିନ୍‌ଙ୍କୁ ଖାଇବାକୁ ଦେଇଦେଲା ଏ କଥା ଜାଣିଥିବା ସତ୍ତ୍ୱେ କି ଆଜି ମୁଁ କୌଣସି କାରଣରୁ ରୋଜା ରଖିପାରିଲି ନାହିଁ ତେଣୁ କାଲି ରଖିବି, ପୁଣି ମଧ୍ୟ ଫିଦିଆ ଦେଇଦେଲା ତେବେ ଏହା ହେଉଛି ଅଧିକ ପୂଣ୍ୟ । ଖୁଦାତାଲା କହୁଛନ୍ତି ଯେ, ଏହା ତୁମ ପାଇଁ ଉତମ କାରଣ ଅଲ୍ଲାଃ ତାଲା ତୁମକୁ ପୂଣ୍ୟକର୍ମର ପ୍ରତିଫଳ ଦେଇଥାଏ ଯଦିଚ ସେ ନିଜ ଉପରେ ବୋଝ ପକାଇ କରାଯାଏ ବା ନଫ୍‌ଲି ପୂଣ୍ୟ କରାଯାଉ ଓ ଆନନ୍ଦର ସହିତ କରାଯାଉ । ଏହି ଆୟତର ଶେଷରେ ପୂଣି ଅଲ୍ଲାଃ ତାଲା କହୁଛନ୍ତି ଯେ ତୁମ ପାଇଁ ରୋଜ ରଖିବା ହେଉଛି ପ୍ରତ୍ୟେକ ଦୃଷ୍ଟି କୋଣରୁ ତୁମ ପାଇଁ ଉତମ ।

ଏହାର ପରବର୍ତ୍ତୀ ଆୟତରେ ଅଲ୍ଲାଃତାଲା କହିଛନ୍ତି କି ଏହି (ପବିତ୍ର) ମାସରେ ଆମେ କୁରଆନ ଅବତୀର୍ଣ୍ଣ କରିଅଛୁ ଯାହାକି ତୁମାମାନଙ୍କୁ ସତ୍‌ପଥ ପ୍ରଦର୍ଶନ କରିଥାଏ ଏବଂ ଯହିଁରେ ପ୍ରକାଶ୍ୟ ପ୍ରମାଣ ଓ ନିଦର୍ଶନମାନ ରହିଅଛି ।

ଅତଃ କୁରଆନର ପବିତ୍ର ରମଜାନ ମାସ ସହ ଏକ ବିଶେଷ ସମ୍ପର୍କ ରହିଛି । ଏହି ମାସରେ ରୋଜା ରଖିବା ସହିତ କୁରଆନର ଅଧ୍ୟୟନ କରିବା, ଏହାର ଗଭୀର ଅନୁଧ୍ୟାନ କରିବା ଏଥିରେ ରହିଥିବା ନିର୍ଦ୍ଦେଶାବଳୀର ସନ୍ଧାନ କରିବା ଏଥିମୁତାବକ ଅମଳ କରିବାକୁ ଚେଷ୍ଟା କରିବା ଉଚିତ୍ । ଯଦ୍ୱାରା ଆମେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ଉପରେ ପରିଚାଳିତ ହୋଇ ରମଜାନର ରୋଜାରୁ ପ୍ରକୃତପକ୍ଷେ ଉପକୃତ ହୋଇପାରିବା । ପ୍ରତ୍ୟେକ ବ୍ୟକ୍ତି କୁରଆନର ଭାବାର୍ଥର ଗଭୀରତାକୁ ପାଇପାରି ନଥାନ୍ତି, ତେଣୁକରି କୁରଆନର ତିଲାଓ୍ୱତ୍ ଓ ଅନୁବାଦ ପାଠ କରିବା ସହିତ ଜମାଅତର ଯେଉଁ ଯେଉଁ ସ୍ଥାନରେ ଅର୍ଥାତ ମସଜିଦ୍‌ରେ ଦରସର ପ୍ରବନ୍ଧ କରାଯାଇଥିବ ସେଥିରୁ ଉପକୃତ ହେବା ଉଚିତ୍ । ସେହିପରି ଏମ.ଟି.ଏରେ ମଧ୍ୟ ନିୟମିତ ଭାବରେ ଦରସର (ପ୍ରସାରଣ) ବ୍ୟବସ୍ଥା ରହିଛି, ସେଥିରୁ ମଧ୍ୟ ଉପକୃତ ହେବା ଜରୁରୀ । ହଜରତ ଖଲିଫତୁଲ ମସିହ ରାବେ ରହେମୁଲ୍ଲାଃଙ୍କ ଦରସ ସେଥିରେ ଜାରି ରହିଛି । ହଜରତ ମହମ୍ମଦ ସ.ଅଙ୍କର ମଧ୍ୟ ଏହି ଆଦେଶ ରହିଛି କି ଏହି ମାସରେ କୁରଆନ ଅଧିକରୁ ଅଧିକ ସମୟ ଅଧ୍ୟୟନ କରିବାକୁ ଚେଷ୍ଟା କର । ଜଣେ ଅହମଦି ତ ସାମାନ୍ୟ ଦିନରେ ମଧ୍ୟ କୁରଆନ କରିମର ତିଲାଓ୍ୱତ୍ କରିବା ପ୍ରତି ବେଶ୍ ଅଧିକ ଧ୍ୟାନ କେନ୍ଦ୍ରିତ କରିଥାଏ । କିନ୍ତୁ ରମଜାନରେ ତ ବିଶେଷ ଭାବରେ ଏହାର ପ୍ରବନ୍ଧ କରିବା ଜରୁରୀ ଅଟେ ନଚେତ୍ କେବଳ ଭୋକିଲା ଶୋସିଲା ରହିବା ନିରର୍ଥକ ଅଟେ । ବିଶେଷ ରୂପେ ଅଲ୍ଲାଃ ତାଲା ଏହି ମାସରେ ପବିତ୍ର କୋରାନ ଅବତୀର୍ଣ୍ଣ ହୋଇଥିବାର ଚର୍ଚ୍ଚା କରିଛନ୍ତି ଏବଂ ଆଁ ହଜରତ ସ:ଆ:ସ ମଧ୍ୟ ତାଗିଦ କରିଛନ୍ତି ସୁତରାଂ ଆମେ ବଡ଼ ସୌଭାଗ୍ୟବାନ ଯେ ଅଲ୍ଲାଃ ତାଲା ଆମକୁ ଏ ଯୁଗରେ ଆଁ ହଜରତ ସ:ଆ:ସଙ୍କ ସଚ୍ଚା ଦାସଙ୍କୁ ମାନିବା ପାଇଁ ଶକ୍ତି ପ୍ରଦାନ କରିଛନ୍ତି ଯିଏ ଆମକୁ ଯେଉଁଠି ପବିତ୍ର କୋରାନ୍‌ର ରହସ୍ୟ, ବ୍ୟାଖ୍ୟା ଓ ଅର୍ଥର ନୂଆ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Sharafat Khan & Family,*
*Jamat Ahemadiya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family,*
*Jamat Ahemadiya, Pankal (Odisha)*

ନୂଆ ଦିଗ ବତାଇଛନ୍ତି ସେଠାରେ ତା ଉପରେ ପରିଚାଳିତ ହେବା ପାଇଁ ଓ ପବିତ୍ର କୋରାନ୍‌କୁ ସମ୍ମାନ ଦେବା ପାଇଁ ଓ ତାହା ପଢିବା ଓ ତା ଉପରେ ଚିନ୍ତା କରିବା ପ୍ରତି ମଧ୍ୟ ବିଶେଷ ରୂପେ ଧ୍ୟାନ ଆକର୍ଷଣ କରାଇଛନ୍ତି ଏବଂ ଏ କଥା ବତାଇଛନ୍ତି ଯେ ତୁମକୁ ବିଶେଷ ଧ୍ୟାନର ସହିତ ଏହାକୁ ଅଧ୍ୟୟନ କରି ତା ଉପରେ ଅମଲ କରିବା ଉଚିତ ଓ ନିଜର ଅବସ୍ଥାକୁ ପରିବର୍ତନ କରିବା ଉଚିତ । ହଜରତ ମସିହ ମଉଦ ଅ.ସ କୁହନ୍ତି:

ପ୍ରକାଶ୍ୟ ବାହ୍ୟ ଜ୍ଞାନ ଓ କୁରଆନର ଜ୍ଞାନ ଆହରଣ କରିବା ମଧ୍ୟରେ ମସ୍ତବଡ଼ ଫରକ୍ ରହିଛି । ଯେଉଁ ବାହ୍ୟ ସାଂସାରିକ ଜ୍ଞାନ ରହିଛି ତାହା ମଧ୍ୟରେ ଓ ପବିତ୍ର କୋରାନ୍ ମଧ୍ୟରେ ବହୁତ ବଡ଼ ଫରକ ରହିଛି ତେଣୁ ସାଂସାରିକ ଓ ଔପଚାରିକ ଜ୍ଞାନ ଆହରଣ କରିବା ନିମନ୍ତେ ଧର୍ମପରାୟଣ ହେବା ସର୍ତ ନୁହେଁ । କହୁଛନ୍ତି ଯେ ସର୍ଫେ ନହୁ, ପ୍ରକୃତି ଜ୍ଞାନ, ଫିଲୋସଫି, ଖଗୋଳ ବିଜ୍ଞାନ ଏବଂ ଡ଼ାକ୍ତରି ପାଠ ପଢ଼ିବା ପାଇଁ ଏହା ଜରୁରି କଥା ନୁହେଁ ଯେ ଏଥିପାଇଁ କୌଣସି ତକ୍‌ୱାର ଆବଶ୍ୟକତା ଅଛି ଅର୍ଥାତ୍ ସେ ନମାଜ ଏବଂ ରୋଜା ନିୟମିତ ପାଠ କରୁଥିବ । ଏହା ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ପବିତ୍ର କୋରାନକୁ ବୁଝିବା ପାଇଁ ରୋଜା ରଖିବା ମଧ୍ୟ ଜରୁରୀ, ଇବାଦତ୍ ନିୟମିତ କରିବା ମଧ୍ୟ ଜରୁରୀ ନିୟମିତ ନମାଜ ପାଠ କରିବା ବି ଜରୁରି ତକ୍‌ୱାରେ ବଢ଼ିବା ମଧ୍ୟ ଜରୁରୀ କିନ୍ତୁ ସେ କହୁଛନ୍ତି କି, ଏଥିପାଇଁ ନମାଜ ରୋଜାର ଆବଶ୍ୟକତା ନାହିଁ ଏବଂ ଅଲ୍ଲାଃଙ୍କ ନିର୍ଦ୍ଦେଶ ଓ ଅଲ୍ଲାଃଙ୍କ ଦ୍ୱାରା ମନା କରାଯାଇଥିବା କାର୍ଯ୍ୟ ଉପରେ ସେ ସବୁବେଳେ ଦୃଷ୍ଟି ରଖୁଥିବ । ଏହା ସାଧାରଣ ଲୋକ ନିମନ୍ତେ ଜରୁରୀ ତ ନୁହେଁ କିନ୍ତୁ ପବିତ୍ର କୋରାନ୍‌ର ଜ୍ଞାନ ହାସଲ କରିବାପାଇଁ ଏହା ଜରୁରି ଅଟେ । ଯେଉଁ ସବୁ ସାଂସାରିକ ଜ୍ଞାନ ରହିଛି ତାହାକୁ ହାସଲ କରିବା ପାଇଁ ତକ୍‌ୱା ଜରୁରୀ ନୁହେଁ କିନ୍ତୁ ପବିତର କୋରାନ୍ ପଢ଼ିବା ପାଇଁ ଜରୁରୀ ଅଟେ । ଆପଣ ଆ:ସ କହୁଛନ୍ତି ଯେ, ନିଜର ପ୍ରତ୍ୟେକ କାର୍ଯ୍ୟ ଓ କଥାକୁ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶ ଅନୁସାରେ ରଖାଯିବ ବରଂ ବେଳେବେଳେ ଏପରି ଦେଖା ଯାଇଛି ଯେ, ସାଂସାରିକ ଜ୍ଞାନ ରଖିଥିବା ପ୍ରବିଣ ମାନେ ନାସ୍ତିକ ହୋଇ ପ୍ରତ୍ୟେକ ପ୍ରକାରର ବିଭ୍ରାଟମୂଳକ କାର୍ଯ୍ୟରେ ଲିପ୍ତ ରହିଥାନ୍ତି । ପୁଣି କହୁଛନ୍ତି କି, ଆଜି ଏ ଦୁନିଆ ସମ୍ମୁଖରେ ଏକ ଜବରଦସ୍ତ ଅନୁଭବ ବିଦ୍ୟମାନ । ୟୁରୋପ ଏବଂ ଆମେରିକା ଏମାନେ ପ୍ରାର୍ଥିବ ଜ୍ଞାନଦ୍ୱାରା ବଡ଼ ବଡ଼ ଉନ୍ନତି ସାଧନ କରୁଅଛନ୍ତି ଓ ପ୍ରତ୍ୟେକ ଦିନ ନୂଆନୂଆ ଆବିଷ୍କାର କରିବା ସତ୍ୱେ ମଧ୍ୟ ଏମାନଙ୍କର ଆଧାତ୍ମିକ ଓ ଚାରିତ୍ରିକ ଅବସ୍ଥା ବହୁତ ହିଁ ଲଜ୍ଜାଜନକ ଏବଂ ଆଜିକାଲି ଆମେ ଏ ସବୁ କଥା ଦେଖୁଛେ ଯେ, ଏ ଯୁଗରେ ସ୍ୱାଧୀନତା ନାମରେ ଚାରିତ୍ରିକ ପତନ ବଢ଼ି ଚାଲିଛି । ଆପଣ ଆ:ସ କହୁଛନ୍ତି କି, ଲଣ୍ଡନରେ ଥିବା ପାର୍କ ଓ ପ୍ୟାରିସରେ ଥିବା ହୋଟେଲର କଥା ପ୍ରକାଶ ପାଉଛି ଆମେ ସେ ସବୁକୁ ଏଠାରେ ପ୍ରକାଶ କରିପାରିବୁ ନାହିଁ । କିନ୍ତୁ ଐଶ୍ୱରିକ ଜ୍ଞାନ ଓ କୁରଆନର (ରହସ୍ୟମୟ) ଜ୍ଞାନର ସନ୍ଧାନ ପାଇବା ନିମନ୍ତେ ଧର୍ମପରାୟଣ ହେବା ସର୍ତ ଅଟେ । ଏଥିରେ ତୌବତୁନ ନସୁହ୍‌ର ଆବଶ୍ୟକତା ରହିଛି ଅର୍ଥାତ୍ ଏପରି ତୌବା ଯାହା ସଚ୍ଚା ହୋଇଥିବ । ଯେପର୍ଯ୍ୟନ୍ତ ଜଣେ ସମ୍ପୂର୍ଣ୍ଣ ଉତ୍ସର୍ଗତା ଓ ନମ୍ରତାର ସହ ଅଲ୍ଲାଃଙ୍କ ଆଦେଶ ପାଳନ କରିନଥାଏ ଏବଂ ତାଙ୍କ ଭବ୍ୟ ଓ ପରମ ପ୍ରତାପର ପ୍ରଭାବରେ ପ୍ରକମ୍ପିତ ଅବସ୍ଥାରେ ଆତୁର ହୋଇ ତାଙ୍କ ସମ୍ମୁଖରେ ନଇଁପଡ଼ି ନଥାଏ ଏବଂ ଯେ ନିଜ ଆତ୍ମ ଶୋଧନ କରିନଥାଏ ତେବେ ତାହାକୁ କୁରଆନ ଶରିଫ୍‌ର ଜ୍ଞାନଭଣ୍ଡାରରୁ କିଂଚିତ ମାତ୍ର ଭାଗ ମିଳିନଥାଏ ।

ସୁତରାଂ ପବିତ୍ର କୋରାନ୍‌ର ଜ୍ଞାନକୁ ବୁଝିବାକୁ ହେଲେ ତକ୍‌ୱାର ବହୁତ ଆବଶ୍ୟକତା ରହିଛି । ଆପଣ ଆ:ସ କହୁଛନ୍ତି କି ପବିତ୍ର କୋରାନ୍ ହେଉଛି ଅଲ୍ଲାଃ ତାଲାଙ୍କ ପୁସ୍ତକ ତେଣୁ ତା ମଧ୍ୟରେ ଥିବା ଜ୍ଞାନ ଖୁଦାତାଲାଙ୍କ ହାତରେ ରହିଛି ତେଣୁ ତାହା ପାଇଁ ତକୱା ହେଉଛି ଏକ ପାହାଚ । ସେହି ପାହାଚକୁ ଯଦି ଲଗାଇବେ, ତକୱାର ପାହାଚ ଯଦି ବ୍ୟବହାର କରିବେ ତେବେ ପବିତ୍ର କୋରାନର ଜ୍ଞାନ ହାସଲ ହେବ । ତେଣୁ କିପରି ପୁଣି ଏହା ସମ୍ଭବ ହୋଇପାରେ ଯେ, ବେଇମାନ, ଦୁଷ୍ଟ, ଖଳପ୍ରକୃତିର ଲୋକ ଏବଂ ପାର୍ଥିବ ଭୋଗବିଳାସରେ ବୁଡ଼ି ରହିଥିବା ଲୋକ ଏହାକୁ ପ୍ରାପ୍ତ କରିପାରିବ । ଯଦି କୌଣସି ମୁସଲମାନ ସେ କେତେବଡ଼ ଜ୍ଞାନର ଅଧିକାରି ହୋଇଥାଉ ଆରବୀ ଭାଷାରେ ପ୍ରବୀଣ ହୋଇଥାଉ ପବିତ୍ର କୋରାନର ଅର୍ଥ ମଧ୍ୟ ଭଲଭାବରେ ଆସିଥାଉ କିନ୍ତୁ ଏହା ସତ୍ୱେ ମଧ୍ୟ ଯଦି ସେ ନିଜର ଆତ୍ମାକୁ ପବିତ୍ର କରୁନାହିଁ ତେବେ ପବିତ୍ର କୋରାନର ଜ୍ଞାନରୁ ତାକୁ ଭାଗ ଦିଆଯାଏ ନାହିଁ । ପୁଣି କହୁଛନ୍ତି କି, ମୁଁ ଦେଖିବାକୁ ପାଉଛି ଯେ ବର୍ତମାନ ସଂସାରର ଧ୍ୟାନ ପାର୍ଥିବ ଜ୍ଞାନ ଆଡ଼କୁ ବହୁତ ଢ଼ଳି ଯାଇଛି ଓ ପ୍ରାଶ୍ଚାତ୍ୟ ଦେଶର ଆଲୋକ ସମଗ୍ର ପୃଥିବୀକୁ ନିଜର ନୂଆନୂଆ ଉଦ୍‌ଭାବନ ଏବଂ କଳକାରଖାନା ଦ୍ୱାରା ଆଶ୍ଚର୍ଯ୍ୟ କରିଦେଇଛି । ମୁସଲମାନମାନେ ମଧ୍ୟ ଯଦି ନିଜର ଉନ୍ନତି ଓ ସଫଳତା ନିମନ୍ତେ କୌଣସି ମାର୍ଗ ବିଷୟରେ ଚିନ୍ତା କରିଛନ୍ତି ତେବେ ସେମାନେ ଦୁର୍ଭାଗ୍ୟ ବସତଃ ଏକଥା ଚିନ୍ତା କରିଛନ୍ତି କି, ସେମାନେ ପ୍ରାଶ୍ଚାତ୍ୟରେ ରହୁଥିବା ଲୋକମାନଙ୍କୁ ନିଜର ଇମାମ ବନାଇବେ । ସଂସାର ଆଡ଼କୁ ଏମାନେ ଢଳି ଗଲେଣି ଏବଂ ଏ ଯେଉଁ ସାଂସାରିକ ଉନ୍ନତି ରହିଛି ତାକୁ ସବୁ କିଛି ବୋଲି ଭାବିନେଲେଣି । କହୁଛନ୍ତି ଏହା ତ ନୁଆ ଆଲୋକର ମୁସଲମାନମାନଙ୍କର ଅବସ୍ଥା କିନ୍ତୁ ଯେଉଁ ଲୋକମାନେ ପୁରୁଣା ଫେସନର ମୁସଲମାନ ବୋଲାଇଥାନ୍ତି ଓ ନିଜକୁ ଧର୍ମର ସାହାଯ୍ୟକାରି ବୋଲି ଭାବୁଛନ୍ତି ଓ ଏମାନଙ୍କର ସାରା ଜୀବନର ପ୍ରାପ୍ତ କରିଥିବା ସାରାଂଶ ହେଉଛି ଏହା ଯେ ସର୍ଫ ଏବଂ ନହୁ ର ଝଗଡ଼ା ଓ ଦ୍ୱନ୍ଦରେ ଫସି ରହିଛନ୍ତି ଏବଂ ଯ୍ୱଲ୍ଲିନ୍ ଶବ୍ଦ ଉପରେ ଉତ୍ସର୍ଗ ହୋଇଛନ୍ତି ଏ କଥାରେ ଫସି ରହିଛନ୍ତି କି ବ୍ୟାକରଣ କଣ, ଆରବୀ ଭାଷାର ସର୍ଫ କଣ, ନହୁ କଣ ଓ କିପରି ତଲ୍‌ଫୁଜ୍ ଅର୍ଥାତ୍ ଉଚ୍ଚାରଣ କିପରି ଠିକ୍ ଭାବେ କରିବା । କହୁଛନ୍ତି କି ପବିତ୍ର କୋରାନ ପ୍ରତି ବିଲ୍‌କୁଲ୍ ଧ୍ୟାନ ନାହିଁ ଓ ଏହା କିପରି ହେବ ଯେଉଁମାନେ ଆତ୍ମା ସୁଧି କରିବା ପ୍ରତି ଧ୍ୟାନ ହିଁ ଦେଉନାହାନ୍ତି । ସୁତରାଂ ଆପଣ ଆ:ସ କହୁଛନ୍ତି କି ଅହମଦିମାନଙ୍କୁ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ କି କେବଳ ସଂସାର ପ୍ରାପ୍ତିରେ ମାତି ନଯାଅ ବରଂ କୁରଆନ କରିମ୍‌ର ଜ୍ଞାନ ହାସଲ କରିବାକୁ ଚେଷ୍ଟା କରିବା ଉଚିତ୍ । *(ମଲ୍‌ଫୁଜାତ ଖଣ୍ଡ-୧, ପୃ-୪୨୫ ରୁ ୪୨୭)*

ପୁଣି ଏକଦା ଗୋଟିଏ ଅବସରରେ ଜଣେ ବ୍ୟକ୍ତି ଆପଣ ଆ:ସଙ୍କୁ ପ୍ରଶ୍ନ କଲା ଯେ, ପବିତ୍ର କୋରାନ କିପରି ପଢ଼ାଯାଏ? ଆପଣ ଆ:ସ କହିଲେ କି "ପବିତ୍ର କୋରାନ ବହୁତ ଧ୍ୟାନର ସହିତ ମଗ୍ନ ହୋଇ ପଢ଼ିବା ଉଚିତ । ପବିତ୍ର ହଦିସ୍‌ରେ ଏକଥା ବର୍ଣ୍ଣିତ ଅଛି ଯେ, ***ରୁବ୍‌ବା କାରିନ୍ ଯଲ୍‌ଅନୁହୁଲ୍ କୁର୍‌ଆନ୍*** ଅର୍ଥାତ୍ ଏପରି ବହୁତ ଲୋକେ ପବିତ୍ର କୋରାନକୁ ପଢ଼ିବା ବାଲା ଅଛନ୍ତି ଯେଉଁମାନଙ୍କ ଉପରେ ପବିତ୍ର କୋରାନ ଅଭିଷାପ ପ୍ରେରଣ କରିଥାଏ । ଯେଉଁ ବ୍ୟକ୍ତି ପବିତ୍ର କୋରାନ ପଢ଼ିଥାଏ ଓ ତା ଉପରେ ପରିଚାଳିତ ହୁଏ ନାହିଁ ତାହା ପାଇଁ ପବିତ୍ର କୋରାନ ଅଭିଷାପ ଦେଇଥାଏ । ତିଲାୱତ କରିବା ସମୟରେ ଯେବେ ପବିତ୍ର କୋରାନର ଆୟତ ରହମତ୍ ବିଷୟ ପାଠ କର ଅର୍ଥାତ୍ ଯଦି ସେଥିରେ ଅଲ୍ଲାଃ ତାଲାଙ୍କ କରୁଣାର ଚର୍ଚ୍ଚା ରହିଥିବ ତେବେ ସେଠାରେ ଖୁଦାତାଲାଙ୍କଠାରୁ କରୁଣା ମଗାଯାଉ ଏବଂ ଯେଉଁଠି ପବିତ୍ର କୋରାନରେ କୌଣସି ଜାତି ଉପରେ ଦଣ୍ଡ ମିଳିଥିବାର ଚର୍ଚ୍ଚା ଥିବ ତେବେ ସେଠାରେ ଖୁଦାତାଲାଙ୍କ ଦଣ୍ଡରୁ ରକ୍ଷାପାଇବା ପାଇଁ ଦରଖାସ୍ତ କରାଯାଉ । ତୌବା ଏବଂ ଇସ୍ତଗଫାର୍ କରାଯାଉ । ଅଲ୍ଲାଃ ତାଲାଙ୍କଠାରୁ ଶରଣଭିକ୍ଷା କରାଯାଉ ଏବଂ ତାହାକୁ ଧ୍ୟାନ ଓ ମଗ୍ନର ସହିତ ପଢ଼ିବା ଉଚିତ ଓ ତା ଉପରେ ଅମଲ କରାଯାଉ" *(ମଲ୍‌ଫୁଜାତ ଖଣ୍ଡ-୯, ପୃ-୧୯୯ ରୁ ୨୦୦)*

ସୁତରାଂ ଏହା ହେଉଛି ପବିତ୍ର କୋରାନ ପଢ଼ିବାର ଶୈଳୀ ଏହି ଦିନ ଗୁଡ଼ିକରେ ଯେତେବେଳେ ଆମକୁ ପବିତ୍ର କୋରାନ ପାଠ କରିବା ପାଇଁ ବିଶେଷ ରୂପେ ଧ୍ୟାନ ଆସିଛି ତେଣୁ ଆମକୁ ସେହିପରି ଶୈଳୀରେ ପଢ଼ିବାପାଇଁ ଚେଷ୍ଟା କରିବା ଉଚିତ । ପୁଣି ହଜରତ ମସିହ ମଉଦ ଆ:ସ କହୁଛନ୍ତି:

"ତୁମେ ହୋସିୟାର ରୁହ ଖୁଦାଙ୍କ ତାଲିମ ଏବଂ ପବିତ୍ର କୋରନର ହିଦାୟତର ବିରୋଧରେ ଗୋଟିଏ ପାଦ ମଧ୍ୟ ଉଠାଅନାହିଁ । ମୁଁ ତୁମକୁ ସତ୍ୟ କହୁଅଛି କି, ଯେଉଁ ବ୍ୟକ୍ତି କୁରଆନର ୭୦୦ ହୁକୁମ ମଧ୍ୟରୁ ଗୋଟିଏ ଛୋଟିଏ ହୁକୁମକୁ ମଧ୍ୟ ଟାଳି ଦିଏ ସେ ନଜାତ୍‌ର ଦ୍ୱାରକୁ ନିଜ ହାତ ଦ୍ୱାରା ନିଜ ପାଇଁ ବନ୍ଦ କରିଥାଏ । ବାସ୍ତବିକ ଓ ସମ୍ପୂର୍ଣ୍ଣ ନିଜାତ୍‌ର ମାର୍ଗ ଗୁଡ଼ିକ ପବିତ୍ର କୋରାନ୍ ଉନ୍ମୋକ୍ତ କରିଛି ଓ ବାକି ସବୁ ତାର ଛାୟା ଥିଲା ତେଣୁ ତୁମେ ପବିତ୍ର କୋରାନକୁ ମଗ୍ନ ହୋଇ ପଢ଼ ଓ ତାକୁ ବହୁତ ପ୍ରେମ କର । ଏପରି ପ୍ରେମ କି ତୁମେ କାହାକୁ ମଧ୍ୟ କରିନଥିବ କାରଣ ଯେପରି ଖୁଦାତାଲା ମୋତେ ସମ୍ବୋଧନ କରି କହିଛନ୍ତି ***ଅଲ୍‌ଖୈରୁ କୁଲ୍ଲୁହୁ ଫିଲ୍ କୁର୍‌ଆନ୍*** ଅର୍ଥାତ୍ ସବୁପ୍ରକାରର ପୁଣ୍ୟ (ଓ ଭଲ କାର୍ଯ୍ୟ) ପବିତ୍ର କୋରାନ ମଧ୍ୟରେ ଅଛି ଏହି କଥା ହେଉଛି ସତ୍ୟ" ପୁଣି କହୁଛନ୍ତି "ଦୁଃଖ ଲାଗୁଛି ସେହି ଲୋକମାନଙ୍କ ଉପରେ ଯେଉଁମାନେ ଅନ୍ୟ କୌଣସି ବସ୍ତୁକୁ ତା ପରେ ଅଗ୍ରାଧିକାର ଦେଉଛନ୍ତି । ପୁଣି କହୁଛନ୍ତି ତୁମର ସମସ୍ତ ସଫଳତା ଏବଂ ନଜାତ୍‌ର ଶ୍ରୋତ କୋରାନ ଭିତରେ ଅଛି । ଏପରି କୌଣସି ଧାର୍ମିକ ଆବଶ୍ୟକତା ନାହିଁ ଯାହା ପବିତ୍ର କୋରାନ୍‌ରେ ମିଳୁନଥିବ । ତୁମ ଇମାନ୍‌ର ମୁସଦିକ୍ ବା ମୁକଜିବ୍ (ଅର୍ଥାତ୍ ସମର୍ଥକ ବା ମିଥ୍ୟା ଅଭିହିତ କରୁଥିବା ବସ୍ତୁ) କୟାମତ ଦିନ ହେଉଛି କୋରାନ । ଏବଂ କୋରାନ ବ୍ୟତିତ ଆକାଶ ତଳେ ଆଉ କୌଣସି ପୁସ୍ତକରେ ନାହିଁ ଯାହା ପ୍ରତ୍ୟେକ୍ଷ ରୂପେ କୋରାନ ତୁମକୁ ହିଦାୟତ ଦେଇପାରେ" କୋରନର ମାର୍ଗ ଦେଇ ଯଦି ଯିବ ତେବେ ଯାଇ ହିଦାୟତ ମିଳିବ । ପୁଣି କହୁଛନ୍ତି "ଖୁଦାତାଲା ତୁମ ଉପରେ ବହୁତ ଅନୁଗ୍ରହ କରିଛନ୍ତି ଯିଏ ପବିତ୍ର କୋରାନ ଭଳି ପୁସ୍ତକକୁ ତୁମମାନଙ୍କୁ ପ୍ରଦାନ କରିଛନ୍ତି । ମୁଁ ତୁମକୁ ସତ୍ୟ କହୁଅଛି ଯେ, ଏପରି ପୁସ୍ତକ ଯାହା ତୁମ ଉପରେ ପାଠ କରାଯାଇଛି ଯଦି ତାହା ଇସାଇମାନଙ୍କ ଉପରେ କରାଯାଇଥାନ୍ତା ତେବେ ସେମାନେ ଧ୍ୱଂସ ହୋଇନଥାନ୍ତେ । ଏ ଯେଉଁ ବୈଭବ ଓ ଜ୍ଞାନ ତୁମମାନଙ୍କୁ ଦିଆଯାଇଛି ଯଦି ତୌରିୟତ ବ୍ୟତିତ ଏହା ଇହୁଦୀମାନଙ୍କୁ ଦିଆଯାଇଥାନ୍ତା ତେବେ ସେମାନଙ୍କ ମଧ୍ୟରୁ କିଛି ଫିର୍କା କୟାମତର ଅମାନ୍ୟକାରୀ ହୋଇନଥାନ୍ତେ । ତେଣୁ ଏହି ନେମତ୍‌ର ସମ୍ମାନ କର ଯାହା ତୁମକୁ ଦିଆଯାଇଛି" ପୁଣି କହୁଛନ୍ତି କି "ଏହା ଅତ୍ୟନ୍ତ ପ୍ରୀୟ ନେମତ୍ । ଏହା ବଡ଼ ସମ୍ପତି । ଯଦି କୋରାନ୍ ନ ଆସିଥାନ୍ତା ତେବେ ସମଗ୍ର ସଂସାର ଗୋଟିଏ ଅସନା ମାଂସ ପିଣ୍ଡୁଳା ସଦୃଶ ଥିଲା" । ଏକ ଅସନା ମାଂସ ପିଣ୍ଡୁଳା ଭଳି ଥିଲା । "କୁର୍‌ଆନ ହେଉଛି ସେହି ପୁସ୍ତକ ଯାହାର ମୁକାବିଲାରେ ସମସ୍ତ ହିଦାୟତ ତୁଚ୍ଛ" *(କଶ୍‌ତି ନୁହ୍ ରୂହାନି ଖଜାଏନ୍, ଖଣ୍ହ-୧୯, ପୃ-୨୬ ରୁ ୨୭)*

ତେଣୁ ପବିତ୍ର କୋରାନ ପଢ଼ିବା ତାକୁ ବୁଝିବା ଓ ତାର ନିର୍ଦ୍ଦେଶାବଳି ମୁତାବକ ପରିଚାଳିତ ହେବା ପାଇଁ ଆମକୁ ବିଶେଷ ରୂପେ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ରମଜାନ୍‌ରେ ବହୁ ସଂଖ୍ୟକ ଲୋକେ ଏଥିପ୍ରତି ଧ୍ୟାନ ଆକର୍ଷଣ କରିଥାନ୍ତି ତେଣୁ ପୁଣି ତାହାକୁ ଏଠାରେ ନିଜ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ବନାଇବା ପାଇଁ ଆବଶ୍ୟକତା ରହିଛି ଯେ, ଅଲ୍ଲାଃ ତାଲା ବିଶେଷ ରୂପେ ରମ୍‌ଜାନ ମାସରେ ମୁମିନ୍ ମାନଙ୍କୁ ପବିତ୍ର କୋରାନ ପଢ଼ିବା ପ୍ରତି ଆଗ୍ରହ ସୃଷ୍ଟି କରାଯିବା ଉଚିତ ତେବେ ଏଥିପାଇଁ ଏହି ଅଭ୍ୟାସର ମାସରେ ଯେବେ ଆମେ ବିଶେଷରୂପେ ପବିତ୍ର କୋରାନ ପ୍ରତି ଧ୍ୟାନ ଦେଉଅଛେ ତେବେ ପୁଣି ଅନ୍ୟ ସାଧାରଣ ଦିନଗୁଡ଼ିକରେ ମଧ୍ୟ ଏଥିପ୍ରତି

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family,*
*Jamat Ahemadiya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahemadiya, Kerang (Odisha)*

## ସାଲାନା ଇଜିତେମା

### ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍ନା ଇମାଇଲ୍ଲାଃ ଭାରତ- ୨୦୧୯

ଭାରତର ସମସ୍ତ ଅନ୍‌ସାର୍, ଖୁଦାମ୍ ଓ ଲଜ୍ନା ଇମାଇଲାଙ୍କଙ୍କୁ ଲିଖିତ ରୂପେ ଅବଗତ କରାଇଦିଆଯାଉଛି ଯେ ସୟଦ୍‌ନା ହଜୁର୍ ଅନୁୱର୍ ଅ:ବ:ଅ ସଦିଚ୍ଛା ସହିତ ମର୍କଜି ସାଲାନା ଇଜିତେମା ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜ୍ନା ଇମାଇଲ୍ଲାଃ ଭାରତ- ୨୦୧୯ ନିମନ୍ତେ ତା ୧୮,୧୯,୨୦ ଅକ୍ଟୋବର (ଶୁକ୍ରବାର, ଶନିବାର, ରବିବାର) ର ମଞ୍ଜୁରି ପ୍ରଦାନ କରିଛନ୍ତି । ସମସ୍ତ ଜେଲି ତଞ୍ଜିମ୍ ର କର୍ମୀମାନଙ୍କୁ ଏବେଠାରୁ କାଦିୟାନ୍ ଦାରୁଲ୍ ଅମାନ୍‌ର ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ମର୍କଜି ଇଜିତେମାଅତ୍‌ରେ ସାମିଲ୍ ହେବାପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଏହି ଇଜ୍‌ତିମାଅତ୍ ତର୍‌ବିୟତ୍‌ର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଅଟେ । ଯଜାକ୍‌ମୁଲ୍ଲାଃ- (ଇଦାରାଃ)

## ଯାମିଆ ଅହେମଦିୟା କାଦିୟାନ୍‌ରେ ନାମଲେଖା ବିଜ୍ଞାପନ

ଯାମିଆ ଅହେମଦିୟା କାଦିୟାନ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ପ୍ରତିଷ୍ଠିତ ଏକ ପବିତ୍ର ଅନୁଷ୍ଠାନ, ଯେଉଁଠାରୁ ଏ ପର୍ଯ୍ୟନ୍ତ ଶହ ଶହ ବିଦ୍ୱାନ ଓ ମୁବଲ୍ଲିଗିନ୍ କରାମ୍ କୃତକାର୍ଯ୍ୟ ହୋଇ ଇସ୍‌ଲାମ୍‌ର ପ୍ରକୃତ ଶିକ୍ଷାକୁ ପୃଥିବୀର କୋଣ ଅନୁକୋଣରେ ପହଂଚାଇବାର କାର୍ଯ୍ୟ ସମ୍ପାଦନ କରୁଅଛନ୍ତି । ସୟଦ୍‌ନା ହଜୁର ଅନ୍‌ୱର ଅ:ବ:ଅ ଅନେକ ଅବସରରେ ଅହେମଦୀ ଶିକ୍ଷାର୍ଥୀମାନଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପବିତ୍ର ଧାର୍ମିକ ଅନୁଷ୍ଠାନରେ ଶିକ୍ଷା ଅର୍ଜନ କରି ଯମାତ୍‌ର ସେବା କରିବା ପାଇଁ ଧ୍ୟାନ ଆକର୍ଷଣ କରାଇଛନ୍ତି ।

ଅତେବ ହଜୁର ଅନୱ୍ୱରଙ୍କ ଏହି ଉକ୍ତିକୁ ଅନୁସରଣ କରି ଅଧିକରୁ ଅଧିକ ୱାକିଫିନେ ନୌ ଏବଂ ଅଣ ୱାକିଫୈନ୍ ନୌ (ଅର୍ଥାତ୍ ସାଧାରଣ ଶିକ୍ଷାର୍ଥୀ)ଙ୍କୁ ଯାମିଆ ଅହେମଦୀୟାରେ ନାମ ଲେଖାଇ ଧର୍ମଶିକ୍ଷା ହାସଲ କରି ସିଲ୍‌ସିଲାର (ଅର୍ଥାତ୍ ଏ ସମ୍ପ୍ରଦାୟର) ସେବା କରିବା ନିମନ୍ତେ ନିଜକୁ ଉପସ୍ଥାପନ କରିବା ଉଚିତ ।

ସୁତରାଂ ଯେଉଁ ଶିକ୍ଷାର୍ଥୀମାନେ ଯାମିଆ ଅହେମଦିୟାରେ ନାମ ଲେଖାଇବାକୁ ଇଚ୍ଛୁକ ସେମାନେ ୱକ୍‌ଫେ ନୌ ଭାରତ ବିଭାଗ (ନଜାରତ ତାଲିମ୍) ସହିତ ସମ୍ପର୍କ ସ୍ଥାପନ କରନ୍ତୁ ଓ ଯଥାଶିଘ୍ର ନାମଲେଖା ଫର୍ମ ପୁରଣ କରି ୩୦ ଜୁନ୍ ୨୦୧୯ ସୁଧା ୱକ୍‌ଫେ ନୌ କାର୍ଯ୍ୟାଳୟ ଭାରତ (ନଜାରତ୍ ତାଲିମ୍) ନିକଟକୁ ପ୍ରେରଣ କରନ୍ତୁ । ଯାମିଆ ଅହେମଦୀୟାରେ ପ୍ରବେଶିକା ପରୀକ୍ଷା ତା ୧୫ ଜୁଲାଇ ୨୦୧୯ରିଖ ଦିନ ଅନୁଷ୍ଠିତ ହେବ ।

* ନାମଲେଖା ପାଇଁ ନିମ୍ନଲିଖିତ ସର୍ତାବଳୀ ଜରୁରୀ:-

(୧) ମାଟ୍ରିକ ପାସ କରିଥିବା ଛାତ୍ରମାନଙ୍କ ବୟସ ସୀମା ୧୭ ବର୍ଷ ଏବଂ +୨ ପାସ ଛାତ୍ରଙ୍କ ପାଇଁ ୧୯ ବର୍ଷ ରଖାଯାଇଛି । ହାଫିଜ୍‌ମାନଙ୍କ ପାଇଁ ସାଧାରଣ ନିୟମ ବର୍ହିଭୁତ ଅନୁଗ୍ରହ ଅନୁମୋଦିତ କରାଯାଇପାରେ ।

(୨) ଯାମିଆ ଅହେମଦିୟାରେ ନାମଲେଖା ନିମନ୍ତେ ନ୍ୟାଶ୍‌ନାଲ୍ କ୍ୟାରିୟର ପ୍ଲାନିଂ କମିଟି ୱକ୍‌ଫେ ନୌ ଭାରତ ଛାତ୍ରମାନଙ୍କ ଇଂଟରଭ୍ୟୁ (Interview) ଓ ଲିଖିତ ପରୀକ୍ଷା ନେବ ଓ ଯାମିଆ ଅହେମଦୀୟା ନିମନ୍ତେ ଚୟନ କରିବ । ଲିଖିତ ପରୀକ୍ଷାରେ ପବିତ୍ର କୋରାନ୍, ଇସ୍‌ଲାମେ ଅହେମଦୀୟତ, ଦିନିମାଲୁମାତ୍, ଉର୍ଦ୍ଦୁ, ଇଂରାଜୀ ଏବଂ ସାଧାରଣ ଜ୍ଞାନ ବିଷୟରେ ପ୍ରଶ୍ନପତ୍ର ଆସିବ ।

(୩) ଲିଖିତ ପରୀକ୍ଷାରେ ଓ Interview ଉତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କର ନୂର ହସ୍‌ପିଟାଲ୍ କାଦିୟାନ୍‌ରେ ଡ଼ାକ୍ତରୀ ପରୀକ୍ଷା କରାଯିବ । ଲିଖିତ ପରୀକ୍ଷା, Interview ଏବଂ ଡ଼ାକ୍ତରୀ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କୁ ହଜୁର ଅନୱ୍ୱରଙ୍କ ଅନୁମୋଦନ କ୍ରମେ ଯାମିଆ ଅହେମଦୀୟାରେ ପ୍ରବେଶ (Admission)ମିଳିବ ।

(୪) ଗ୍ରାଜୁଏଟ୍ ଛାତ୍ରମାନଙ୍କୁ ଯାମିଆ ଅହେମଦିୟାରେ ପ୍ରବେଶ ନିମନ୍ତେ ଅଗ୍ରାଧିକାର ଦିଆଯିବ ।

ଜିଲାଇ ଅମୀର, ଅମୀର ଯମାତ୍, ସଦର ସାହାବାନ୍ ଏବଂ ମୁବଲ୍ଲିଗିନ୍ ଓ ମୁଅଲ୍ଲିମିନ୍ କରାମ୍‌ଙ୍କୁ ଅନୁରୋଧ କରାଯାଉଛି ଯେ ବୁଦ୍ଧିମାନ, ଯୋଗ୍ୟ, ଯମାତର ସେବା କରିବାକୁ ଉତ୍ସାହ ରଖିଥିବା ଛାତ୍ର ତଥା ପୂଣ୍ୟ ଚରିତ୍ର ଗୁଣସମ୍ପର୍ନ୍ନ ଛାତ୍ରମାନଙ୍କୁ ଚୟନ କରି ସେମାନଙ୍କୁ ଯାମିଆ ଅହେମଦିୟାରେ ନାମ ଲେଖାଇବା ପାଇଁ ପ୍ରସ୍ତୁତ କରାନ୍ତୁ ଏବଂ ଯଥାଶିଘ୍ର ଏପରି ଛାତ୍ରମାନଙ୍କ ନାମଲେଖା ଫର୍ମ ପୂରଣ କରାଇ ୱକ୍‌ଫେ ନୌ ଭାରତ କାର୍ଯ୍ୟାଳୟ ନିକଟକୁ ପଠାନ୍ତୁ ।

ନାମ ଲେଖା ଫର୍ମ ମେଲ୍ ଜରିଆରେ ମଗାଇବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ:

waqfenau@qadian.in

INCHARGE WAQF-E-NAU DEPARTMENT
OFFICE WAQF-E-NAU INDIA (NAZARAT TALEEM)
M.T.A BUILDING, CIVIL LINE, QADIAN
DISTRICT: GURDASPUR, PUNJAB (INDIA) PIN-143516
CONTACT: 01872-5009756, 9988991775

(ନାଜରତ୍ ତାଲିମ୍ ଏବଂ ନ୍ୟାଶ୍‌ନାଲ୍ କ୍ୟାରିୟର ପ୍ଲାନିଂ କମିଟି ୱକ୍‌ଫେ ନୌ ଭାରତର ସଭାପତି)

## ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭିଂ ସେବା କରିବାକୁ

ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର୍ ପୋଷ୍ଟ ଖାଲି ଅଛି । ଯେଉଁ ବନ୍ଧୁ ଡ୍ରାଇଭର୍ ରୂପେ ସେବା କରିବାକୁ ଇଚ୍ଛୁକ ସେ ନିଜର ଦରଖାସ୍ତ ଦୁଇମାସ ଭିତରେ ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟାଙ୍କ ନିକଟକୁ ପଠାଇପାରିବେ ।

ସର୍ତାବଳୀ:- (୧)ପ୍ରାର୍ଥୀଙ୍କ ନିକଟରେ ଡାଇଭିଂ ଲାଇସେନ୍‌ସ୍ ଓ ଡ୍ରାଇଭିଂର ଅଭିଜ୍ଞତା ଥିବା ଜରୁରୀ ଅଟେ (୨)ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର ସର୍ତ ନାହିଁ (୩)ପ୍ରାର୍ଥୀକୁ ଜନ୍ମଗତ ପ୍ରମାଣପତ୍ର ଦେବା ଜରୁରୀ (୪)ସେହି ଡ୍ରାଇଭର୍ ମାନଙ୍କୁ ଖିଦ୍‌ମତ୍ (ସେବା) ନିମନ୍ତେ ଚୟନ କରାଯିବ, ଯେଉଁମାନେ ନୁର୍ ହସ୍‌ପିଟାଲ୍ କାଦିଆନ୍‌ର ମେଡିକାଲ୍ ଫିଟ୍‌ନେସ୍ ସାର୍ଟିଫିକେଟ୍ ମୁତାବକ ସ୍ୱାସ୍ଥ୍ୟବାନ୍ ଓ ଫିଟ୍ ହେବେ (୫)ସେହି ପ୍ରାର୍ଥୀମାନେ ସେବା କରିବାର ସୁଯୋଗ ପାଇବେ, ଯେଉଁମାନେ ଇଂଟରଭ୍ୟୁ ବୋର୍ଡ କର୍ମୀ ଚୟନ ପ୍ରକ୍ରିୟାରେ ସଫଳ ହେବେ (୬)ଚୟନ କରାଯାଇଥିବା ଡ୍ରାଇଭର୍‌ମାନଙ୍କୁ ଦର୍ଜା ଦୋମ୍ (ସେକେଣ୍ଡ୍ କ୍ଲାସ୍)ର ବରାବର୍ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯିବ (୭)ପ୍ରାର୍ଥୀ କାଦିଆନ୍ ଯିବା ଆସିବାର ଖର୍ଚ୍ଚ ନିଜେ ବହନ କରିବେ (୮)ଯଦି ପ୍ରାର୍ଥୀ ଚୟନ ହୁଅନ୍ତି ତେବେ ସେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(ନୋଟ୍):- ଏ ସମ୍ବନ୍ଧୀୟ ଦରଖାସ୍ତ ଫର୍ମ୍ ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଙ୍କ ଠାରୁ ହାସଲ କରିନିଅନ୍ତୁ, ଦରଖାସ୍ତ ଫର୍ମ ପୂରଣ ହୋଇ ଆସିବା ପରେ ତା ମୁତାବକ କାରବାଇ କରାଯିବ)

## ସଦର ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ରେ ଚତୁର୍ଥ ଶ୍ରେଣୀ କର୍ମୀ ରୂପେ ସେବା କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଧ୍ୟାନ ଦିଅନ୍ତୁ

ସଦର ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍‌ରେ ଚତୁର୍ଥ ଶ୍ରେଣୀ କର୍ମୀ ପଦବୀର ଖାଲିସ୍ଥାନ ପୂରଣ ନିମନ୍ତେ ପ୍ରାର୍ଥୀ ଆବଶ୍ୟକ ଅଛି । ଯେଉଁମାନେ ଉକ୍ତ ପଦବୀରେ ଖିଦମତ୍ (ସେବା) କରିବାକୁ ଚାହୁଁଛନ୍ତି ସେମାନେ ନିମ୍ନଲିଖିତ ସର୍ତାବଳୀ ମୁତାବକ ଦରଖାସ୍ତ ଦେଇପାରିବେ ।

(୧) ପ୍ରାର୍ଥୀଙ୍କ ପାଇଁ କୌଣସି ଶିକ୍ଷାଗତ ଯୋଗ୍ୟତାର ଆବଶ୍ୟକତା ନାହିଁ ।

(୨) ପ୍ରାର୍ଥୀଙ୍କ ବୟସ ୨୫ ବର୍ଷରୁ କମ୍ ହୋଇଥିବ, ଜନ୍ମ ପ୍ରମାଣ ପତ୍ର ଉପସ୍ଥାପନ କରିବା ଜରୁରୀ ।

(୩) ସେହି ପ୍ରାର୍ଥୀମାନଙ୍କୁ ଖିଦ୍‌ମତ୍ ନିମନ୍ତେ ଚୟନ କରାଯିବ ଯେଉଁମାନେ ମର୍କଜ୍ ଦ୍ୱାରା ନିଯୋଜିତ ଭର୍ତି କମିଟିର କର୍ମୀ ଇଂଟରଭ୍ୟୁରେ ସଫଳ ହେବେ ।

(୪) ସେହି ପ୍ରାର୍ଥୀଙ୍କୁ ଖିଦ୍‌ମତ୍ କରିବାର ସୁଯୋଗ ମିଳିବ ଯେଉଁମାନେ ନୂର ହସ୍ପିଟାଲ୍ କାଦିୟାନ୍‌ର ମେଡ଼ିକାଲ୍ ବୋର୍ଡ଼ର ରିପୋର୍ଟ ମୁତାବକ ସୁସ୍ଥସବଳ ଓ ସ୍ୱାସ୍ଥ୍ୟବାନ ହୋଇଥିବେ ।

(୫) ପ୍ରାର୍ଥୀ କାଦିୟାନ୍ ଯାତୟାତର ଖର୍ଚ୍ଚ ନିଜେ ବହନ କରିବେ ।

(୬) ଯଦି କୌଣସି ପ୍ରାର୍ଥୀ ନିଯୁକ୍ତି ପାଆନ୍ତି ତେବେ ଏପରି ପରିସ୍ଥିତିରେ ପ୍ରାର୍ଥୀ କାଦିୟାନରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(୭) ପ୍ରସ୍ତାବିତ ଦରଖାସ୍ତ ଫର୍ମ ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ ଅହେମଦିୟାଙ୍କଠାରୁ ହାସଲ କରିନିଅନ୍ତୁ ।

ଏହି ବିଜ୍ଞାପନ ଘୋଷଣାର ଦୁଇମାସ ମଧ୍ୟରେ ଯେଉଁ ଦରଖାସ୍ତଗୁଡ଼ିକ ହସ୍ତଗତ ହେବ, ତାହା ବିଚାରକୁ ନିଆଯିବ । (ନାଜର୍ ଦିୱାନ୍ କାଦିଆନ୍)

ଅଧିକ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ
ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା, କାଦିଆନ୍
ଅଫିସ୍:- ୦୧୮୭୨-୫୦୧୧୩୦
ଇ-ମେଲ୍:- nazaratdiwanqdn@gmail.com

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ । (ବଦର କାର୍ଯ୍ୟାଳୟ)

ଧ୍ୟାନ କରିବାର ଅଭ୍ୟାସ ପଡ଼ିବ ନଚେତ ଅଲ୍ଲାଃ ତାଲାଙ୍କର ରମଜାନ ମାସରେ ପବିତ୍ର କୋରାନ ଆଡ଼କୁ ଧ୍ୟାନ ଆକର୍ଷଣ କରାଇବାର ଯେଉଁ ଉଦ୍ଦେଶ୍ୟ ରହିଛି ତାହାର ମୃତ୍ୟୁ ହୋଇଥାଏ । ମୁମିନ୍ ହେଉଛି ସେହି ବ୍ୟକ୍ତି ଯିଏ ଦୃଢତାର ସହିତ ପୂଣ୍ୟ କାର୍ଯ୍ୟକୁ ଖୋଜିଥାଏ ଓ ତାହା ଜାରି ରଖିଥାଏ ସୁତରାଂ ଏହି ମହାନ ହିଦାୟତକୁ ଅଲ୍ଲାଃ ତାଲା ଆଁ ହଜରତ ସ:ଆ:ସଙ୍କ ଜରିଆରେ ଆମ ପର୍ଯ୍ୟନ୍ତ ପହଂଚାଇଛନ୍ତି ଆମେ ଏହାକୁ ନିଜ ହିଦାୟତର ଜରିଆ ବନାଇବା ପାଇଁ ଭରପୁର ଚେଷ୍ଟା କରିବା ଉଚିତ ।

ପୁଣି ଏହି ଆୟତର ଆଗକୁ ସ୍ପଷ୍ଟଭାବେ ଏ ହିଦାୟତ ଦେଇଛନ୍ତି କି, ନିୟମିତ ରୋଜା ରଖିବା ଉଚିତ ଓ ଯେଉଁମାନେ ରୋଗଗ୍ରସ୍ତ ଏବଂ ଯାତ୍ରୀ ଅଛନ୍ତି ସେମାନଙ୍କର ଯେଉଁ ରୋଜା ଛାଡ଼ିଦେଇଛନ୍ତି ତାହାକୁ ସେମାନେ ପରେ ପୂରଣ କରିବାକୁ ହେବ । ଏହା ଜରୁରୀ ଅଟେ । କେବଳ ଫିଦିଆ ଦେବା ଦ୍ୱାରା ତୁମକୁ ଛୁଟି ମିଳିଯାଏ ନାହିଁ । ଯାତ୍ରା ଓ ବେମାର ପଡ଼ିବା ଅବସ୍ଥାରେ ରୋଜା ନ ରଖିବା ପାଇଁ ଛୁଟି ନେଇ ଅଲ୍ଲାଃ ତାଲା ତୁମ ଉପରେ ଏହ୍‌ସାନ କରିଛନ୍ତି କାରଣ ଅଲ୍ଲାଃ ତାଲା ନିଜ ଭକ୍ତଙ୍କ ଉପରେ ବୋଝ ପକାଏ ନାହିଁ ।

ହଜୁର ଅନଓ୍ୱର ଅ.ବ କହିଲେ- ଏହି ଆୟତରେ ଆଗକୁ କହିଲେ କି ରୋଜା ରଖିବା ଦିନମାନଙ୍କରେ ବିଶେଷ କରି ଅଲ୍ଲାଃତାଲାଙ୍କ ପ୍ରଶଂସାଗାନ କରିବା, ଉପାସନା କରିବାରେ ଓ କୃତଜ୍ଞତା ଜ୍ଞାପନ କରିବା କି ସେ ତୁମମାନଙ୍କ ସତ୍‌ପଥ ପ୍ରାପ୍ତି ନିମନ୍ତେ ଏଭଳି ଉତ୍କୃଷ୍ଟତର ପୁସ୍ତକ ଅବତୀର୍ଣ୍ଣ କରିଛନ୍ତି ଯାହାକି ସପୂର୍ଣ୍ଣ ଓ ସର୍ବଶ୍ରେଷ୍ଠ ଅଟେ । ପୁଣି ପରବର୍ତୀ ପଂକ୍ତିରେ ଅଲ୍ଲାଃତାଲା କହିଛନ୍ତି କି ଆମ୍ଭ ଭକ୍ତମାନେ ଆମ୍ଭକୁ ପାଇବା ନିମନ୍ତେ ତୁମକୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ଏବଂ ରମଜାନ ମାସରେ ପୂର୍ବ ଅପେକ୍ଷା ଏହି କାର୍ଯ୍ୟରେ ଅଧିକ ଉତ୍‌କଣ୍ଠିତ ପ୍ରକାଶ ପାଏ ତେବେ ତୁମ୍ଭେ କହିଦିଅ ଯେ, ଆମ୍ଭେ ସେମାନଙ୍କ ନିକଟରେ ଅଛୁ । ଯେତେବେଳେ ସେମାନେ ନିଷ୍ଠାର ସହ ଆମ୍ଭ ନିକଟରେ ପ୍ରାର୍ଥନା କରନ୍ତି ଆମ୍ଭେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ । କିନ୍ତୁ ଦୁଆ ସ୍ୱୀକାର କରିବା ନିମନ୍ତେ ଜରୁରୀ କି ପ୍ରାର୍ଥନାକାରୀ ଆମ୍ଭର ଆଦେଶ ପାଳନ କରନ୍ତୁ । ମୋ ଉପରେ ଦୃଢ଼ ବିଶ୍ୱାସ ରଖନ୍ତୁ ଏ ଯେଉଁ ଅଭିଯୋଗ ରହିଛି ଯେ ଆମେ ତ ଦୁଆ କରୁଛୁ ଆମେ ତ ବହୁତ ପ୍ରାର୍ଥନା କରିଛୁ କିନ୍ତୁ ଅଲ୍ଲାଃ ତାଲା ଶୁଣିଲେ ନାହିଁ କିଛି ଦିନ ମଧ୍ୟରେ ହିଁ କେତେକ ଲୋକେ ଏହି ଅଭିଯୋଗ ଲଗାଇବା ଆରମ୍ଭ କରିଦେଇଥାନ୍ତି । ଯଦି ଆମେ ଅଲ୍ଲାଃ ତାଲାଙ୍କ ହିଦାୟତକୁ ଶୁଣୁନାହାନ୍ତି ଓ ଆମେ ତା ଉପରେ ଅମଲ କରୁନାହାନ୍ତି, ଅଲ୍ଲାଃ ତାଲାଙ୍କ ସହିତ ପ୍ରେମ କରିବାର ବାଟ ଖୋଜୁନାହାନ୍ତି ତାର ବାସ୍ତବିକ ଭକ୍ତ ହେଉନାହାନ୍ତି ହଜୁର ଅନଓ୍ୱର ଅ.ବ କହିଲେ- ଅତଏବ ସର୍ବପ୍ରଥମେ ଆମ୍ଭକୁ ନିଜର ସୁଧାର କରିବାକୁ ହେବ ଏବଂ ତତ୍ ସହିତ ଦୁଆ କରିବାକୁ କେବଳ କଠିନ ସମୟ ଆସିବାରେ ବା କୌଣସି ଦୁଃଖ କଷ୍ଟର ସମୟରେ ହିଁ ତାକୁ ଡ଼ାକିଥାନ୍ତି ଏବଂ ପୁଣି ଭୁଲି ଯାଆନ୍ତି ତେବେ ଏପରି ପରିସ୍ଥିତିରେ କିଭଳି ସେମାନେ ଏ ଅଭିଯୋଗ କରିପାରିବେ ଯେ ଖୁଦାତାଲା ଆମ ଦୁଆକୁ ଶୁଣିଲେ ନାହିଁ ବୋଲି । ସୁତରାଂ ତେବେଯାଇ ଅଲ୍ଲାଃ ଆମକୁ ଚିତସ୍ଥିରତା ପ୍ରଦାନ କରିବେ । କିଭଳି ଦୁଆ ଗ୍ରହଣୀୟ କରିଥାଏ ? ଯଦି ମନକୁ ଶାନ୍ତି ମିଳିଯାଏ ତେବେ ଏହା ମଧ୍ୟ ଗ୍ରହଣୀୟ । ପୁଣି ନିଜର ବିଶେଷ ଭକ୍ତ, ନିଜ ପ୍ରେମୀଙ୍କ ପ୍ରାର୍ଥନାକୁ ଗ୍ରହଣ କରିବା ସଦୃଶ ଅଲ୍ଲାଃ ତାଲା ଆମ ଦୁଆକୁ ମଧ୍ୟ ଗ୍ରହଣୀୟ କରିବେ ସୁତରାଂ ଆମ ତରଫରୁ ପ୍ରଥମ ଚେଷ୍ଟା ରମଜାନ ମାସରେ ହେବ ତେବେ ଯାଇ ମୁମିନ ମାନଙ୍କ ନିମନ୍ତେ ତାର ସାନ୍ନିଧ ପ୍ରାପ୍ତ କରିବା, ଦୁଆକୁ ଗ୍ରହଣୀୟ କରିବା ପାଇଁ ବିଶେଷ ବ୍ୟବସ୍ଥା ମଧ୍ୟ ଅଲ୍ଲାଃ ତାଲା କରିଦିଏ ତେଣୁ ଏଥିରେ ଆମକୁ ବିଶେଷ ରୂପେ ଚେଷ୍ଟା କରିବାର ଆବଶ୍ୟକତା ରହିଛି ଏତଦ୍‌ବ୍ୟତିତ ଅଲ୍ଲାଃ ତାଲାଙ୍କ ଅଭିଯୋଗ କରିବା ପାଇଁ ଆମର କୌଣସି ହକ୍ ନାହିଁ । ସେ ଦୁଆ ଗ୍ରହଣ କରେ ନାହିଁ । ଦୁଆର ଶୈଳୀ ଓ ନିଜର ଅବସ୍ଥାକୁ ଦୁଆ ଗ୍ରହଣୀୟ ହେବାର କୈଫିୟତ ବନାଇବା ନିମନ୍ତେ ହଜରତ ମସିହ ମଉଦ ଆ:ସ କିଭଳି ମାର୍ଗଦର୍ଶନ କରାଇଛନ୍ତି । ଆପଣ ଆ:ସ କହୁଛନ୍ତି "ଏହା ହେଉଛି ସତ୍ୟକଥା ଯେ, ଯେଉଁ ବ୍ୟକ୍ତି ଆମାଲ୍ (ଅର୍ଥାତ କର୍ମ)ଦ୍ୱାରା କାର୍ଯ୍ୟ ସମ୍ପାଦନ କରେ ନାହିଁ ସେ ଦୁଆ କରୁନାହିଁ ବରଂ ଖୁଦାତାଲାଙ୍କର ପରୀକ୍ଷା ନେଉଅଛି ତେଣୁ ଦୁଆ କରିବା ପୂର୍ବରୁ ନିଜର ସବୁତକ ଶକ୍ତିକୁ ଖର୍ଚ୍ଚ କରିବା ଜରୁରି ଅଟେ । ଏବଂ ଏହି ଅର୍ଥ ହେଉଛି ଏହି ଦୁଆର" *(ମଲ୍‌ଫୁଜାତ, ଖଣ୍ଡ-୧, ପୃ-୧୨୪)*

ହଜରତ ମସିହ ମଉଦ ଅ.ସ କୁହନ୍ତି- ଏଭଳି ମଣ ନାହିଁ କି ଆମ୍ଭେ ପ୍ରତିଦିନ ଦୁଆ ପ୍ରାର୍ଥନା କରୁଅଛେ ଏବଂ ସମସ୍ତ ନମାଜ ହିଁ ଦୁଆ ଅଟେ ଯାହାକି ଆମେ ପାଠ କରିଥାଉ ଯେହେତୁ ସେହି ଦୁଆ ଯାହାକି ବ୍ରହ୍ମଜ୍ଞାନ ପ୍ରାପ୍ତି କରିବା ଅନ୍ତେ ଓ କୃପା ମାଧ୍ୟମରେ ଉତ୍ପର୍ଣ୍ଣ ହୋଇଥାଏ ଏବଂ ରଙ୍ଗ ଓ ଅବସ୍ଥା ରଖିଥାଏ ତାହା ନିଜକୁ ନାଶ କରିବା ଜିନିଷ ଅଟେ । ତାହା ଉତ୍ସର୍ଗ କରିବା ଅଗ୍ନି ଓ ଦୟାକୁ ଆକର୍ଷିତ କରୁଥିବା ଚୁମ୍ବକୀୟ ଶକ୍ତି ଅଟେ । ତାହା ଏକ ମୃତ୍ୟୁ ଅଟେ କିନ୍ତୁ ଶେଷରେ ଜୀବିତ କରିଥାଏ, ତାହା ଏକ ତୋଫାନ୍ କିନ୍ତୁ ପରିଶେଷରେ ତାହା ଏକ ନୌକା ପାଲଟି ଯାଇଥାଏ । ଆପଣ କୁହନ୍ତି ସମସ୍ତ ପ୍ରକାର ସମସ୍ୟା ଓ ଅସାଧ୍ୟ କାର୍ଯ୍ୟ ତାହା ଦ୍ୱାରା ସହଜ ସରଳ ହୋଇଯାଇଥାଏ ଏବଂ ସମସ୍ତ ପ୍ରକାର ବିଷ ଶେଷରେ ଅମୃତରେ ରୂପାନ୍ତରିତ ହୋଇଯାଇଥାଏ । ସୁତରାଂ ପ୍ରକୃତ ଦୁଆ ତ ଏଭଳି ପ୍ରଭାବ ପକାଇଥାଏ । ଆପଣ କୁହନ୍ତି ଦୁଆକାରୀଙ୍କୁ ଅଲ୍ଲାଃ ଚମ୍‌କାର ଦେଖାଇଥାନ୍ତି ଏବଂ ଭିକ୍ଷାକାରୀକୁ ଏକ ଅସାଧାରଣ ପୁରସ୍କାର ପ୍ରଦାନ କରାଯିବ । ଦୁଆ ଅଲ୍ଲାଃଙ୍କ ନିକଟରୁ ଆସିଥାଏ ଏବଂ ତାଙ୍କରି ନିକଟକୁ ଫେରିଯାଇଥାଏ । ଦୁଆ କରିବା ଦ୍ୱାରା ଅଲ୍ଲାଃତାଲା ଏଭଳି ନିକଟତର ହୋଇଥାନ୍ତି ଯେଭଳି ତୁମର ପ୍ରାଣବାୟୁ ତୁମ ନିକଟତର । ଦୁଆର ପ୍ରଥମ ପୁରସ୍କାର ଏହି କି ଯେ ମଣିଷ ଅଭ୍ୟନ୍ତରରେ ଏକ ପବିତ୍ର ପରିବର୍ତନ ପରିଲକ୍ଷିତ ହୋଇଥାଏ । ଆପଣ କୁହନ୍ତି- ଦୁଆ ଏକ ଏପରି ରସାୟନ ଯାହାକି ମଣିଷର ଅସ୍ତିତ୍ୱକୁ ସପୂର୍ଣ୍ଣ ରୂପେ ବଦଳାଇ ଦେଇଥାଏ, ତାହା ଏକ ପ୍ରକାର ଜଳ ଯାହାକି ଅଭ୍ୟନ୍ତରିଣ ଆବର୍ଜନାକୁ ପରିସ୍କାର ପରିଚ୍ଛନ୍ନ କରିଦେଇଥାଏ । ଏହି ଦୁଆ ସହିତ ଆତ୍ମା ତରଳି ଯାଇଥାଏ ଏବଂ ଜଳଧାରା ପରି ବହିଯାଇ ଈଶ୍ୱରଙ୍କ ଚରଣରେ ପଡ଼ିଥାଏ । ତାହା ଅଲ୍ଲାଃଙ୍କ ସମ୍ମୁଖରେ ଛିଡ଼ା ହେବା ସହ ରକୁ (ନଇଁ ପଡ଼ିବା) ଓ ନତମସ୍ତକ ହୋଇଥାଏ । ତାହାର ପ୍ରତିଛବି ନମାଜ ଅଟେ । ଯାହାକି ଇସଲାମ ପାଠ କରିବାକୁ ଶିକ୍ଷା ଦେଇଅଛି ଏବଂ ଆତ୍ମାର ଛିଡ଼ା ହେବା ଏହି କି ଯେ ଅଲ୍ଲାଃଙ୍କ ଖାତିର ସମସ୍ତ ପ୍ରକାର କଷ୍ଟ ସହ୍ୟ କରିବା ସହ ତାଙ୍କ ଆଦେଶ ପାଳନ କରିବାକୁ ତତ୍ପରତା ଉତ୍ପର୍ଣ୍ଣ କରିଦେଇଥାଏ । ତାହାର ନଇଁ ପଡ଼ିବାର ଅର୍ଥ ଏହି କି ଯେ, ସେ ସମସ୍ତ ମୋହମାୟା ଓ ସମ୍ପର୍କକୁ ତୁଟାଇ ଈଶ୍ୱରଙ୍କ ନିକଟରେ ନତମସ୍ତକ ହୋଇଥାଏ ଏବଂ ତାଙ୍କରି ହୋଇଯାଇଥାଏ । ତାହାର ନତମସ୍ତକ କରିବା ଅର୍ଥ ଈଶ୍ୱରଙ୍କ ସମିପରେ ପଡ଼ିରହି ନିଜ ଅସ୍ତିତ୍ୱକୁ ସମ୍ପୂର୍ଣ୍ଣ ରୂପେ ହଜାଇ ଦେଇଥାଏ । **ଏପରି ନମାଜ ହିଁ ଈଶ୍ୱରଙ୍କ ସାନିଧ ଲାଭ କରେଇଥାଏ ଏବଂ ଇସଲାମୀୟ ଶରିୟତ୍ ଏହାର ଅବିକଳ ଚିତ୍ର ନମାଜର ବିଭିନ୍ନ ଅବସ୍ଥାରେ ଟାଣିଦେଇଛି । ଯଦ୍ୱାରା ପ୍ରକାଶ୍ୟ ନମାଜ ପାଠ ଆଧାତ୍ମିକ ନମାଜ ପାଠ କରିବାର ଭିତି ସାବ୍ୟସ୍ତ ହେବ ।**

ହଜୁର ଅନଓ୍ୱର ଅ.ବ କହିଲେ- ଅତଃ ଏହା ସେହି ଅବସ୍ଥା ଯାହାକି ଆମକୁ ନିଜ ଭିତରେ ଉତ୍ପର୍ଣ୍ଣ କରିବା ଉଚିତ୍ ଯଦ୍ୱାରା ଆମେ ଦୁଆ ସ୍ୱୀକାର ହେବାର ନିଦର୍ଶନ ଦେଖିପାରିବା । **ରମଜାନର ରୋଜା ରଖିବା ସହିତ ଉପାସନାର ସତ୍ୟାସତ୍ୟରୁ ମଧ୍ୟ ଉପକୃତ ହେବା ଓ ଆମେ ଦୁଆ ସ୍ୱୀକାର ହେବାର ନିଦର୍ଶନ ଦେଖିପାରିବା** । ଅଲ୍ଲାଃତାଲା ତ ପୂର୍ବରୁ ନିଜ ଭକ୍ତମାନଙ୍କର ଅତ୍ୟନ୍ତ ନିକଟତର, ଏହି ଦିନମାନଙ୍କରେ ତ ସେ ଆହୁରି ଅଧିକ ନିକଟତର ହୋଇଯାଇଥାନ୍ତି । ନିଜ ଫରଜ୍ ଉପାସନା ଓ ନଓ୍ୱାଫିଲ୍‌ରେ ବିଶେଷ ରୂପେ ଅଲ୍ଲାଃଙ୍କ ସମିପରେ ନତମସ୍ତକ ହେବା ଉଚିତ୍ । ହଜରତ ମହମ୍ମଦ ସ.ଅ ଆମ୍ଭମାନଙ୍କୁ କହିଛନ୍ତି ଏହି ମାସର ପ୍ରାରମ୍ଭିକ ପର୍ଯ୍ୟାୟ (ଦଶ ଦିନ) ରହମତ୍‌ର ଅଟେ । ମଧ୍ୟବର୍ତୀ ପର୍ଯ୍ୟାୟ ମଗଫିରତ୍ (କ୍ଷମା ଜାଚନା)ର ଅଟେ ଏବଂ ଅନ୍ତିମ ପର୍ଯ୍ୟାୟ ନର୍କରୁ ମୁକ୍ତି ପ୍ରାପ୍ତିର (ମାଧ୍ୟମ) ଅଟେ । ଅଲ୍ଲାଃତାଲା ଆମ୍ଭମାନଙ୍କୁ ନିଜ ପ୍ରକୃତ ଭକ୍ତ ହେବାକୁ ତଥା ନି ଦୟା ଓ କ୍ଷମା ପ୍ରଦାନକାରୀ ଚଦରରେ ଘୋଡ଼େଇ ରଖନ୍ତୁ । ଏହି ମାସରୁ ଆମେ ସମୁଚିତ ରୂପେ ଉପକୃତ ହେଉ, ଏହି ଦିନମାନଙ୍କରେ ବିଶେଷ ରୂପେ ଜମାଅତ ପାଇଁ ଦୁଆ କରିବେ । ଅଲ୍ଲାଃତାଲା ଶତ୍ରୁମାନଙ୍କ ମନ୍ଦ ଯୋଜନା ସେହିମାନଙ୍କ ଉପରକୁ ଫେରାଇ ଦିଅନ୍ତୁ । ମୁସଲମାନ ସମ୍ପ୍ରଦାୟ ପାଇଁ ମଧ୍ୟ ଦୁଆ କରିବେ ଅଲ୍ଲାଃତାଲା ସେମାନଙ୍କୁ ଅନ୍ୟାୟ, ଅତ୍ୟାଚାର କରିବା ଓ ପରସ୍ପରର ଶିରଛେଦ କରିବାରୁ ନିବୃତ ରଖନ୍ତୁ । ସେମାନେ ଯୁଗାବତାରଙ୍କୁ ସ୍ୱୀକାର କରିନିଅନ୍ତୁ ଏବଂ ସମଗ୍ର ବିଶ୍ୱରେ ସୁଖଶାନ୍ତିର ପରିବେଶ ପୁନଃ ଫେରିଆସୁ । ସଂସାର ଖୁବ୍ ତିବ୍ର ବେଗରେ ଧ୍ୱଂସଭିମୂଖୀ ଆଡ଼କୁ ବଢିଚାଲିଛି, ଅଲ୍ଲାଃତାଲା ସଂସାରବାସୀଙ୍କୁ ସତ୍‌ବୁଦ୍ଧି ପ୍ରଦାନ କରନ୍ତୁ ସେମାନେ ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନନ୍ତୁ ଯଦ୍ୱାରା ଏହି ଧ୍ୱଂସ ପ୍ରାପ୍ତିରୁ ରକ୍ଷା ପାଇଯିବେ । ଶେଷରେ ହଜୁର ଅନଓ୍ୱର ଅ.ବ ଦୁଇ ଜଣ ମୃତକ ଶ୍ରୀମାନ ଡ଼ାଃ ତାହିର ଅଜିଜ୍ ଅହମଦ ସାହେବ ପିତା ଅରଶଦୁଲ୍ଲାଃ ଭଟି ସାହେବ ଇସଲାମାବାଦ ନିବାସୀ ଓ ଡ଼ାଃ ଇଫତେଖାର୍ ଅହମଦ ସାହେବ ପିତା ଡ଼ାଃ ଖାଓ୍ୱାଜା ନଜିର ଅହମଦ ସାହେବ ଆମେରିକା ନିବାସୀଙ୍କ ଉତମ ଚରିତ୍ର ଚର୍ଚ୍ଚା କଲେ ଏବଂ ନମାଜ ଜୁମା ପାଠ କରିବା ଅନ୍ତେ ସେମାନଙ୍କ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahemadiya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ପୃଥିବୀକୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାକୁ ଅବଗତ କରାଇବାକୁ ହେବ ଓ ଏଥିପାଇଁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବା ହେଉଛି ଅତ୍ୟନ୍ତ ଆବଶ୍ୟକ ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୩ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahemadiya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahemadiya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahemadiya, Pankal (Odisha)*

*ପୃଷ୍ଠା- ୧୨ର ଅବଶିଷ୍ଟାଂଶ ......*

ସୟଦନା ହଜୁର ଅନଓ୍ୱର ଅ:ବ:ଅ ୬.୧୫ ମିନିଟ୍‌ରେ ମସ୍‌ଜିଦ୍‌ର ପୁରୁଷ ହଲ୍‌ରେ ପଦାର୍ପଣ କଲେ ଯେଉଁଠି ପ୍ରୋଗ୍ରାମ ମୁତାବକ ଓ୍ୱାକିଫାତେ ନୌ ଙ୍କ କ୍ଲାସ ଅନୁଷ୍ଠିତ ହେଲା ।

ପ୍ରୋଗ୍ରାମର ଶୁଭାରମ୍ଭ ପବିତ୍ର କୋରାନ୍ ପାଠରୁ ହେଲା ଯାହା ଅଯିଜା ମାହିନ୍ ଓ୍ୱଡ଼ାଇଚ୍ ଆବୃତି କଲେ ଓ ତାହାର ଉର୍ଦ୍ଦୁ ଅନୁବାଦ ଅଯିଜା ତୁବା ହୃଶିଦ୍ ଏବଂ ତାଙ୍କ ପରେ ଇଂରାଜୀ ଅନୁବାଦ ଅଯିଜା ଶାଫିୟା ବଶିର୍ ଅହେମଦ୍ ପେଷ କଲେ ।

ଏହା ପରେ ଅଯିଜା ଫାଇରାଃ ମୁବିନ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମ୍ନଲିଖିତ ହଦିସ୍ ପଢ଼ି ଶୁଣାଇଲେ । ହଜ୍‌ରତ୍ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରୁଛନ୍ତି ଯେ, ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ଗୋଟିଏ ଦୁଆ ଏପରି ଶିଖିଥିଲି ଯାହାକୁ ମୁଁ କେବେ ମଧ୍ୟ ପଢ଼ିବାକୁ ଭୁଲିନାହିଁ । ତାହା ହେଉଛି ଏହା: ***ଅଲ୍ଲାହୁମ୍ମା ଅଜ୍‌ଅଲ୍‌ନି ଆଜମ୍ ଶୁକ୍‌ରକା ଓ୍ୱଅକ୍‌ସର୍ ଜିକ୍‌ରୁକା ଓ୍ୱତ୍‌ତବିଇ ନସିହତ୍ ତୁକା ଓ୍ୱଆଫିସ୍ ଓ୍ୱସିତ୍‌କା.....*** *(ମସ୍‌ନଦ୍ ଅହମଦ ଖଣ୍ଡ-୨, ପୃ-୩୧୧)* ଅର୍ଥାତ୍ ହେ ଅଲ୍ଲାଃ ମୋତେ ଏପରି କରିଦିଅ ଯେ, ମୁଁ ତୁମର ଅଧିକ କୃତଜ୍ଞତା ଜ୍ଞାପନ କରିପାରିବି ଏବଂ ବହୁ ମାତ୍ରାରେ ତୁମକୁ ମନେ ପକାଇବି ଓ ତୁମର ଭଲ କଥା ଗୁଡ଼ିକ ଉପରେ ପରିଚାଳିତ ହେବି ଏବଂ ତୁମର ତାଗିଦ୍ ନିର୍ଦ୍ଦେଶ ଗୁଡ଼ିକୁ ସୁରକ୍ଷା କରିପାରିବି (ନିଜ କର୍ମ ଦ୍ୱାରା) ।

ଏହାପରେ ସେହି ହଦିସ୍‌ର ଇଂରାଜି ଅନୁବାଦ ଅଯିଜା ମାହିଦାଃ ଯାଓ୍ୱେଦ୍ ସୈଫି ପଢ଼ି ଶୁଣାଇଲେ ।

ଏହା ପରେ ଅଯିଜା ହମ୍‌ଦାଃ ଇରଫାନ୍ ହଜ୍‌ରତ୍ ଅକ୍‌ଦସ୍ ମସିହ ମଉଦ ଆ:ସଙ୍କ ନିମ୍ନଲିଖିତ ବାଣୀକୁ ମଲ୍‌ଫୁଜାତ୍‌ରୁ ଉପସ୍ଥାପନ କଲେ । ହଜ୍‌ରତ୍ ଅକ୍‌ଦସ୍ ମସିହ ମଉଦ ଆ:ସ କହୁଛନ୍ତି: ***''ଓ୍ୱଇଜନ୍ ନୁଫୁସୁ ଜୁଓ୍ୱିଜତ୍*** ମଧ୍ୟ ମୋ ପାଇଁ ଉଦ୍ଦିଷ୍ଟ...... ପୁଣି ଏହା ମଧ୍ୟ ଜମା ହେଇଛି ଯେ ଖୁଦାତାଲା ତବ୍‌ଲିଗ୍ କରିବା ପାଇଁ ସମସ୍ତ ବସ୍ତୁକୁ ଏକତ୍ରିତ କରିଛନ୍ତି । ସୁତରାଂ ଛାପାଖାନା, ବହୁ ମାତ୍ରାରେ କାଗଜ ପ୍ରଚଳନ, ଡ଼ାକଖାନା, ଟେଲିଗ୍ରାମ୍ ଏବଂ ରେଲଗାଡ଼ି ଓ ଜାହାଜ ଜରିଆରେ ସାରା ପୃଥିବୀ ଗୋଟିଏ ସହର ସଦୃଶ ହୋଇଯାଇଛି ଏବଂ ପୁଣି ନିତିଦିନ ନୂଆ ନୂଆ ଆବିଷ୍କାର ଏହି ଜମାକୁ ଆହୁରି ମଧ୍ୟ ବଢ଼ାଇ ଦେଉଛି କାରଣ ଏହା ତବ୍‌ଲିଗ୍ କରିବାର ବସ୍ତୁ ଜମା ହେଉଅଛି । ଏବେ ଫୋନୋଗ୍ରାଫ ଦ୍ୱାରା ମଧ୍ୟ ତବ୍‌ଲିଗ୍‌ର କାର୍ଯ୍ୟ କରିପାରିବ ଓ ଏହା ଦ୍ୱାରା ବହୁତ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ସମ୍ପାଦନ ହେଉଛି । ଖବର କାଗଜ ଏବଂ ପତ୍ରପତ୍ରିକା ବାହାରିବା ସୁତରାଂ ତବ୍‌ଲିଗ୍ ନିମନ୍ତେ ଏତେମାତ୍ରାରେ ଆସବାବ ଏକାଠି ହୋଇଯାଇଛି ଯେ, ଏହାର ଦୃଷ୍ଟାନ୍ତ କେବେ କୌଣସି ଯୁଗରେ ଆମକୁ ମିଳେ ନାହିଁ'' । *(ଅଲ୍‌ହକମ୍ ଖଣ୍ଡ-୬, ସଂଖ୍ୟା-୪୩, ୩୦ ନଭେମ୍ବର ୧୯୦୨)*

ଏହାପରେ ଅଯିଜା ଦାନିୟା ଇଫତ୍ ଅହେମଦ୍ ଉକ୍ତ ଆଲେଖ୍ୟର ଇଂରାଜୀ ଅନୁବାଦ ଉପସ୍ଥାପନ କଲେ । ତାପରେ ଅଜିଜା ମଲିହା ଜଲାଲ୍ ଲୁକ୍‌ମାନ୍ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ମନ୍‌ଜୁମ୍ କଲାମ୍

ଦୀଂ କି ନୁସ୍‌ରତ୍ କେ ଲିଏ
ଇକ୍ ଆସମାଁ ପର ଶୋର୍ ହୈ
ଅବ୍ ଗୟା ଓ୍ୱକ୍ତେ ଖିଜାଁ ଆଏ ହେଁ
ଫଲ୍ ଲାନେ କେ ଦିନ୍

କବିତାରୁ କିଛି ନିର୍ବାଚିତ ପଦ ପଢ଼ି ଶୁଣାଇଲେ । ଏହା ପରେ ଅଜିଜା ହାଲ୍ଲା ତାରିକ୍ ଭଟି ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତଂମ ଜଣାଇଲେ । ଏହା ପରେ ଅଜିଜା ଲବିବା ସୟିଦ୍, ଅଜିଜା ଇମାମା ଲାରୈବ୍ ଏବଂ ଅଜିଜା ହୁମା ମୁନିର୍ ''ଏମ୍‌ଟିଏ ହମାରା ଖିଲାଫତ୍‌ସେ ତାଲୁକ୍ କା ଜରିୟା'' ବିଷୟବସ୍ତୁ ଉପରେ ଗୋଟିଏ ପ୍ରେଜେଂଟେସନ୍ ଦେଲେ ।

ଏହାପରେ ଅଜିଜା ମାହିମ୍ ଅହେମଦ୍ ଉର୍ଦ୍ଦୁ ଭାଷାରେ ''ମୈ ତେରି ତବ୍‌ଲିଗ୍ କୋ ଜମିନ୍ କେ କିନାରୋଁ ତକ୍ ପହଂଚାଉଙ୍ଗା'' ବିଷୟବସ୍ତୁ ଉପରେ ତକ୍‌ରିର କଲେ ।

ଏହାପରେ ଅଜିଜା ଆଲିୟା ବିଲାଲ୍ ରାନା, ଅଜିଜା ଅମ୍ବରମେହମୁଦ୍, ଅଜିଜା ଆସ୍‌ମା ୟାସିନ୍ ଏବଂ ଅଜିଜା ଫାତ୍‌ମା ଜଫର୍ ତନୁଲି ''ଟେକ୍ସାସ୍ ସହରର ଭ୍ରମଣ'' ବିଷୟବସ୍ତୁ ଉପରେ ଗୋଟିଏ ପ୍ରେଜେଂଟେସନ ଉପସ୍ଥାପନ କଲେ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ପିଲାମାନଙ୍କୁ ପ୍ରଶ୍ନ ପଚାରିବାକୁ ଅନୁମତି ଦେଲେ ।

ଜଣେ ଓ୍ୱାକିଫା ନୌ ପଚାରିଲେ ଯେ, ମୋ ବାପା ଚାହୁଁଛନ୍ତି କି ମୁଁ ମେଡ଼ିକାଲ ପାଠ ପଢ଼େ ସେଥିପାଇଁ ମୁଁ ବାୟୋମେଡ଼ିକାଲ୍ ପଢୁଅଛି ଯେବେ କି ମୋତେ ଓକିଲ ହେବା ପାଇଁ ବହୁତ ସଉକ ଅଛି ଏଭଳି ପରିସ୍ଥିତିରେ ମୁଁ କଣ କରିବି ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ମେଡ଼ିକାଲ ପାଢ଼ିବାର ସଉକି ସୃଷ୍ଟିକର କାରଣ ଆମକୁ ଡ଼ାକ୍ତରମାନଙ୍କର ବହୁତ ଆବଶ୍ୟକତା ରହିଛି ଓକିଲଙ୍କର ନୁହେଁ ତେଣୁ ଆପଣଙ୍କ ବାପା ଠିକ୍ କହୁଛନ୍ତି ।

ସେହି ଓ୍ୱାକିଫା ନୌ ପୁଣି କହିଲେ ଯେ ମୋର ଦ୍ୱିତୀୟ ପ୍ରଶ୍ନ ହେଉଛି ଏହା କି, ସର୍ବୋତମ ଅର୍ଥନୈତିକ ବ୍ୟବସ୍ଥା କଣ ? ଯେପରି ଆମେରିକାରେ କ୍ୟାପିଟାଲିଜମ୍ ବା ସୋସିଆଲିଜିମ୍ ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ସର୍ବୋତମ ବ୍ୟବସ୍ଥା ହେଉଛି ଇସ୍‌ଲାମିୟ ଆର୍ଥିକ ବ୍ୟବସ୍ଥା ଏ ବିଷୟରେ ଜାଣିବା ପାଇଁ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ପୁସ୍ତକ ଇସ୍‌ଲାମ୍‌ର ଅର୍ଥନୈତିକ ବ୍ୟବସ୍ଥାକୁ ଅଧ୍ୟୟନ କରନ୍ତୁ । ଯାହା ଆପଣଙ୍କୁ ସବିଶେଷ ବିବରଣୀ ପ୍ରଦାନ କରିଦେବ । ଏ ବିଷୟବସ୍ତୁ ଦୁଇଟି ବାକ୍ୟରେ ବା ଚାରି ମିନିଟ୍‌ରେ ବର୍ଣ୍ଣନା କରାଯାଇପାରିବ ନାହିଁ । ଇସ୍‌ଲାମିୟ ଅର୍ଥନୈତିକ ବ୍ୟବସ୍ଥା ନା ତ ସୋସିଆଲିଜମ୍ ନା ତ କ୍ୟାପିଟାଲିଜମ୍ ବରଂ ଏହାର ମୂଳ କେନ୍ଦ୍ର ହେଉଛି ପ୍ରତ୍ୟେକଙ୍କ ଆବଶ୍ୟକତାକୁ ପୂରଣ କରାଯାଉ ସେଥିପାଇଁ ତ ଜକାତ୍ ବ୍ୟବସ୍ଥା ରହିଛି ଏବଂ ଅନ୍ୟାନ୍ୟ ଟ୍ୟାକ୍ସ ରହିଛି ବାକି ବିବରଣୀ ପୁସ୍ତକରୁ ପାଇପାରିବେ ।

ଆଉ ଜଣେ ଓ୍ୱାକିଫାଏ ନୌ ଝିଅ ବତାଇଲେ ଯେ, ସେ ରବ୍‌ଓ୍ୱାରୁ ପୋର୍ଟଲେଣ୍ଡ ଯମାତକୁ ଆସିଛନ୍ତି ଓ ହଜୁର ଅନଓ୍ୱର ଅ:ବ:ଅଙ୍କ ତହ୍‌ରିକ୍‌ରେ ବଇତୁଲ୍ ଫତୁହ୍ ନିମନ୍ତେ କିଛି ଗହଣା ପ୍ରଦାନ କରିବାକୁ ଚାହୁଁଛନ୍ତି । ସେହି ଝିଅଟି କହିଲା ଯେ ତା'ର ଏ ଇଛା ରହିଛି ଯେ, ସେ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରରେ ବା ସେବାରେ ଉପସ୍ଥାପନ କରୁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ପଚାରିଲେ ଯେ, ''କ'ଣ ନାମ ଓ ଠିକଣା ଲେଖାଇ ସାରିଛନ୍ତି ? ଯଦ୍ୱାରା ଏହାର ରସିଦ୍ ପଠାଇ ଦିଆଯାଇ ପାରିବ'' ଏଥିରେ ସେ ଝିଅ ଜଣକ କହିଲେ ହଁ ଲେଖାଇସାରିଛି ଏହା ଶୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ ''ଠିକ୍ ଅଛି'' ।

ଆଉ ଜଣେ ଓ୍ୱାକିଫାଏ ନୌ ପଚାରିଲେ ଯେ, ହଜୁର୍ ଓ୍ୱକ୍‌ଫେ ନୌ ପିଲାମାନଙ୍କ ନିମନ୍ତେ ଏ ନିର୍ଦ୍ଦେଶ ଦେଇଛନ୍ତି କି ସେମାନେ ଉର୍ଦ୍ଦୁ ଶିଖନ୍ତୁ କିନ୍ତୁ ଏଠାରେ ସମସ୍ତ ଇଜ୍‌ଲାସ୍ ଓ ସବୁ ଇଜ୍‌ତିମା ଗୁଡ଼ିକ ଇଂରାଜୀରେ ଅନୁଷ୍ଠିତ ହେଉଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଇଂଲଣ୍ଡରେ ମଧ୍ୟ ଏହିପରି ଥିଲା କିନ୍ତୁ ଏବେ ଆମେ ଆରମ୍ଭ କରିଛୁ ଯେ ୭୦% କାର୍ଯ୍ୟକ୍ରମ ଇଂରାଜୀ ଓ ୩୦% ଉର୍ଦ୍ଦୁ ଭାଷାରେ ହେଉ । ପୂର୍ବରୁ ଏହା ଏଥିପାଇଁ ହେଉଥିଲା ଯେ, ଅଧିକାଂଶ ଲୋକେ ଇଂରାଜୀ ବୁଝୁଥିଲେ ଓ ବହୁତ କମ୍ ଲୋକ ଉର୍ଦ୍ଦୁ ବୁଝୁଥିଲେ କିନ୍ତୁ ଏଠାକୁ ଏବେ ଇମିଗ୍ରାନ୍‌ସର ଗୋଟିଏ ବହୁତ ବଡ଼ ସଂଖ୍ୟା ଆସିଯାଇଛି ସେଥିପାଇଁ ଏଠାରେ ମଧ୍ୟ ଏପରି କରାଯାଇପାରେ କି ଯେ ପର୍ଯ୍ୟନ୍ତ ସେମାନେ ଠିକ୍ ଭାବେ ଇଂରାଜୀ ଶିଖି ନ ନେଇଛନ୍ତି ସେ ପର୍ଯ୍ୟନ୍ତ ତାଙ୍କୁ ଏହି ସୁବିଧା ମିଳିବା ଉଚିତ୍ ସେ ଯାହା ହେଉ ଜଣେ ଓ୍ୱାକିଫାଏ ନୌ କୁ ଇଂରାଜୀ ଆସିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ମାଶାଅଲ୍ଲାଃ ଯେପରି ତୁମେ ସମସ୍ତେ ଓ୍ୱାକିଫାତେ ନୌ ମୋ ସମ୍ମୁଖରେ ଓଢ଼ଣୀ ଓ ସ୍କାର୍ଫ ଘୋଡ଼ି ବସି ରହିଛ ତୁମେମାନେ ଅନ୍ୟ ଝିଅମାନଙ୍କ ପାଇଁ ଆଦର୍ଶ ହେବା ଉଚିତ୍ ଓ ସେହି ପରି ତୁମର ଚରିତ୍ର ଓ ନାମଜ୍ ବାର୍ତାଳପ ଓ ପରିଧାନ ମଧ୍ୟ ହେବା ଉଚିତ୍ । ଅପାଣମାନଙ୍କ ପରିଧାନରେ ଲଜ୍ଜା ରହିବା ଉଚିତ ଏବଂ ସ୍କାର୍ପ ଘୋଡ଼ି ରଖିବା ଉଚିତ କେବଳ କଥା କହିବା, ସ୍ଲୋଗାନ୍ ଦେବା ବା ତରାନା ପଢ଼ିବାରେ କିଛି ହୁଏ ନାହିଁ ବରଂ ଓ୍ୱାକିଫାଏ ନୌ ଙ୍କୁ ନିଜର କାର୍ଯ୍ୟନମୁନା ଦେଖାଇବାକୁ ହେବ ।

ଆଉ ଜଣେ ଓ୍ୱାକିଫାଏ ନୌ ପଚାରିଲେ ଯେ, ଯଦି କୌଣସି ବ୍ୟକ୍ତି ଖରାପ କାମ କରୁଥିବ ଯେପରି ବ୍ୟାଙ୍କ ଡ଼କାୟତି କିନ୍ତୁ ତା'ଠାରେ ପୂର୍ଣ୍ଣ୍ୟ ପରିବର୍ତନ ହେବ ତେବେ କଣ ସେ ବୈକୁଣ୍ଠକୁ ଯାଇପାରିବ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଶେଷ ନିଷ୍ପତି ତ ଅଲ୍ଲାଃ ତାଲାଙ୍କର ଅଲ୍ଲାଃ ତାଲା ଜାଣିଛନ୍ତି ଯେ, କାହାକୁ କେଉଁଠାକୁ ଯିବାକୁ ହେବ । କିନ୍ତୁ ଅଲ୍ଲାଃ ତାଲା କହୁଛନ୍ତି ଯେ ଯଦି ଜଣେ ନିଜକୁ ପରିବର୍ତନ କରିନିଏ ଏବଂ ପାପରୁ ତୌବାଃ କରେ ଏବଂ ଅଲ୍ଲାଃ ତାଲାଙ୍କ କଥାକୁ ମାନେ ତେବେ ଅଲ୍ଲାଃ ତାଲା ତାକୁ ବୈକୁଣ୍ଠରେ ସ୍ଥାନ ଦେବ ।

ଜଣେ ଓ୍ୱାକିଫା ନୌ ପଚାରିଲେ ଯେ ସାଧାରଣତଃ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ପରଦା କରାଯାଏ । କିନ୍ତୁ ଯେତେବେଳେ ହଜ୍ କରିବା ପାଇଁ ଯାଉଛନ୍ତି ତେବେ ସେଠାରେ ମହିଳା ଓ ପୁରୁଷମାନଙ୍କ ମଧ୍ୟରେ ପରଦା ନ କରାଯିବାରେ କଣ ଯଥାର୍ଥତା ଅଛି ? ହଜୁର ଅନଓ୍ୱର ଅ:ବ:ଅ କହିଲେ ହଜ୍ ହେଉଛି ଏପରି ଏକ ଉପାସନା ଯାହାକୁ ସମ୍ପୁର୍ଣ୍ଣ ଭାବବ୍ୱିହ୍ୱଳରେ ବୁଡ଼ିଯାଇ ଓ ଅତ୍ୟନ୍ତ ଧ୍ୟାନର ସହିତ କରାଯାଏ । ଅଲ୍ଲାଃ ତାଲା ଅତି କମ୍‌ରେ ଏତିକି ଚାହିଁଥାନ୍ତି ଯେ, ପୁରୁଷମାନେ ମହିଳାମାନଙ୍କୁ ନ ଦେଖନ୍ତୁ ଓ ମହିଳାମାନେ ପୁରୁଷଙ୍କ ଆଡ଼କୁ ନ ଦେଖନ୍ତୁ ସେଥିପାଇଁ ଏହା ଗୋଟିଏ କାରଣ ହୋଇପାରେ । କିନ୍ତୁ ଆଜିକାଲି ଯେଉଁମାନେ ହଜ୍ କରିବାପାଇଁ ଯାଉଛନ୍ତି ସେମାନଙ୍କର ତ କିଛି ବୋଲି ଇମାନ୍ ନାହିଁ ତାଙ୍କର ହଜ୍ ଗ୍ରହଣୀୟ ହେଉଛି କି ନାଇଁ ତାହା ମଧ୍ୟ ଜଣାନାହିଁ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ଯେବେ ୧୯୧୨-୧୩ରେ ହଜ୍ କରିବାପାଇଁ ଯାଇଥିଲେ ସେତେବେଳର ଗୋଟିଏ କଥା କହୁଛନ୍ତି କି, ଭାରତରୁ ଜଣେ ଚବିଶ ପଚିଶ ବର୍ଷର ଯୁବକ ମଧ୍ୟ ହଜ୍ କରିବାକୁ ଯାଇଥିଲା ଯିଏ ହଜ୍ କରିବା ସମୟରେ ପ୍ରାର୍ଥନା କରିବା ବଦଳରେ ଫିଲ୍ମ ଗିତ ଗାଉଥିଲା । ତେବେ ଦେଖନ୍ତୁ ଏପରି ଲୋକ ମଧ୍ୟ ଅଛନ୍ତି । ହଜ୍ ତ ସମ୍ପୁର୍ଣ୍ଣରୂପେ ଧ୍ୟାନ ଓ ମଗ୍ନତାର ସହିତ କରିବା ଉଚିତ । ଏହି ଗୋଟିଏ କାରଣ ବର୍ଣ୍ଣନା ହୋଇପାରେ ବାକି ଯାହା କିଛି ଆମକୁ ବତାଯାଇଛି ସେହିପରି ଆମକୁ କରିବାକୁ ପଡ଼ିବ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଯୁଗରେ ବିନା କୌଣସି ଚାଦର ଓ ବିନା କୌଣସି ପରଦା ଏବଂ ବିନା କୌଣସି କାନ୍ଥରେ ପୁରୁଷମାନେ ଆଗରେ ନମାଜ୍ ପାଠ କରୁଥିଲେ ଓ ମହିଳାମାନେ ତାଙ୍କ ପଛରେ ପାଠ କରୁଥିଲେ ତାହା ମଧ୍ୟ ଗୋଟିଏ ସମୟ ଥିଲା । ଏହି ପରଦା ତା ତୁମ ସୁବିଧା ନିମନ୍ତେ ରହିଛି । ହଜ୍‌ରେ ମହିଳାମାନଙ୍କ ନିମନ୍ତେ ପୁରୁଷମାନଙ୍କ ପରି ଏହ୍‌ରାମ୍ (ଅର୍ଥାତ୍ ହଜ୍ କରିବାର ବସ୍ତ୍ର) ନଥାଏ ସେମାନେ ନିଜ ବସ୍ତ୍ରକୁ ପିନ୍ଧି ହଜ୍ କରିପାରିବେ ।

ଜଣେ ଓ୍ୱାକିଫା ନୌ ଝିଅ ପଚାରିଲା ଯେ, ଯଦି ଜଣଙ୍କର ସ୍ୱାମୀ ତାଙ୍କୁ ପରଦା ନ କରିବା ପାଇଁ କହେ ତେବେ କଣ କରିବା ଉଚିତ ? ଏଥିରେ ହଜୁର ଅନଓ୍ୱର ର:ଅ କହିଲେ ତୁମେ ପ୍ରଥମେ ଏ ନିଷ୍ପତି କର କି ସ୍ୱାମୀଙ୍କ କଥା ମାନିବ ନା ଖୁଦାଙ୍କ କଥା ମାନିବ ଯେପରି କି ମୁଁ ଏବେ କହି ସାରିଛି ଯେ, ଆପଣମାନଙ୍କର ବସ୍ତ୍ର ଲଜ୍ଜାଶୀଳ ହେବା ଉଚିତ କାରଣ ଲଜ୍ଜା ହେଉଛି ଇମାନ୍ ର ଅଂଶ ଏହା ତ ଅସଲ ଜିନିଷ ଏବଂ ପରଦା କରିବାର ନିର୍ଦ୍ଦେଶ ଅଲ୍ଲାଃଙ୍କ ତରଫରୁ ଆସିଛି ତେଣୁ ତାହା ତ ଆମକୁ ମାନିବାକୁ ପଡ଼ିବ । ପାକିସ୍ତାନର କାନୁନ ଏ କଥା କହୁଛି ଯେ, ତୁମେ ମାନେ ନିଜକୁ ମୁସଲମାନ ବୋଲି କହିବ ନାହିଁ ଏବଂ ସଲାମ କହିବ ନାହିଁ । ତେବେ କଣ ଅହେମଦୀମାନେ ଏ କଥାକୁ ମାନୁଛନ୍ତି କି ? ବାକି କାନୁନର ସବୁ କଥା ତ ମାନୁଛନ୍ତି କିନ୍ତୁ କାନୁନର ଏ କଥାକୁ ମାନୁ ନାହାନ୍ତି କାରଣ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶର ଏହା ବିପରୀତ । ତେଣୁ ଆପଣମାନଙ୍କର ଏ ସିଦ୍ଧାନ୍ତ ରହିବା ଉଚିତ କି ଯେଉଁ କଥାଗୁଡ଼ିକ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶ ସହିତ ମେଳ ନ ଖାଏ ତାହା ମାଆ ବାପା କୁହନ୍ତୁ, ସ୍ୱାମୀ କୁହନ୍ତୁ ବା ଅନ୍ୟ କେହି କୁହନ୍ତୁ ତାହା ମାନିବ ନାହିଁ ।

ଓ୍ୱାକିଫାତେ ନୌ ପିଲାମାନଙ୍କର ଏହି କ୍ଲାସ ୭.୧୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ହଜୁର ଅନଓ୍ୱର ଅ:ବ:ଅ ଏହି କ୍ଲାସରେ ଯୋଗ ଦେଇଥିବା ଓ୍ୱାକିଫାତେ ନୌ ଝିଅମାନଙ୍କୁ ଯାଏ ନମାଜ୍ (ଅର୍ଥାତ୍ ନମାଜ ପାଠ କରିବା ନିମନ୍ତେ ଏକ ମ୍ୟାଟ) ପ୍ରଦାନ କଲେ ।

### ଓ୍ୱାକିଫିନେ ନୌ ପିଲାମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ କ୍ଲାସ

ଏହାପରେ ପ୍ରୋଗ୍ରାମ ମୁତାବକ ୭.୧୫ ମିନିଟ୍‌ରେ ଓ୍ୱାକିଫିନେ ନୌ ପିଲାମାନଙ୍କର କ୍ଲାସ ଆରମ୍ଭ ହେଲା ।

ପ୍ରୋଗ୍ରାମର ସୁଭାରମ୍ଭ ପବିତ୍ର କୋରାନ୍‌ର ଆବୃତି ସହିତ କରାଗଲା ଯାହା ଅଜିଜମ୍ ଜଲିସ୍ ଅହେମଦ୍ ଆବୃତି କଲେ। ଏହାର ଉର୍ଦ୍ଦୁ ଅନୁବାଦ ଅଜିଜମ୍ ବିଲାଲ୍ ଅହମଦ୍ ସିଦ୍ଦିକି ଓ ଇଂରାଜୀ ଅନୁବାତ ଅଜିଜମ୍ ତାହେର୍ ଅହେମଦ୍ ଭଟ୍ଟି ଉପସ୍ଥାପନ କଲେ।

ଏହା ପରେ ଅଜିଜମ୍ ସୟଦ ନୱାସ୍ ଅହମଦ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିମ୍ନଲିଖିତ ହଦିସ୍ ପେଶ କଲେ। ***''ଇନ୍ନଲ୍ ମୁମିନ୍ ଫିଜମାନିଲ୍ କାଇମ୍ ଓ୍ୱ ହୁଅ ବିଲ୍ ମଶରିକ୍ ଲିୟରା ଅଖାହୁଲ୍ ଲଜ୍ଜି ଫିଲ୍ ମଗ୍‌ରିବ୍ ଓ୍ୱ କଜଲ୍ ଲଜ୍ଜି ଫିଲମଗ୍‌ରିବ୍ ୟରା ଅଖାହଲ୍ ଲଜ୍ଜି ଫିଲମଶ୍‌ରିକ୍''***

*(ବିହାରୁଲ୍ ଅନୱାର...... ଖଣ୍ଡ-୫୨, ବାବ...... ପୃ-୩୫୧ ଦାରୁଲ୍ ଅହୟାଲ୍ ତୁରାସୁଲ୍ ଅରବୀ ବେରୁତ ଲେବ୍‌ନାନ୍)*

''ଇମାମ୍ ମେହେଦୀଙ୍କ ଯୁଗରେ ପ୍ରାଚ୍ୟ (ଦେଶ) ରେ ଥିବା ଜଣେ ମୁମିନ୍ ନିଜର ଭାଇକୁ ଯିଏ ପ୍ରାଷ୍ଚାତ୍ୟରେ ଥିବ ତାକୁ ଦେଖି ନେବ ଏବଂ ସେହିଭଳି ଯିଏ ପ୍ରାଷ୍ଚାତ୍ୟରେ ଥିବ ସେ ନିଜ ଭାଇକୁ ଯିଏ ପ୍ରାଚ୍ୟରେ ଥିବ ତାକୁ ଦେଖି ନେବ''

ଅଜିଜମ୍ ଉସାମା ସୈଫି ଏହି ହଦିସ୍‌ର ଇଂରାଜୀ ଅନୁବାଦ ଉପସ୍ଥାପନ କଲେ।

ଏହା ପରେ ଅଜିଜମ୍ ରାଶିଦ୍ ଅହେମଦ ଓ୍ୱାଡ଼ାଇଚ୍ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ନିମ୍ନଲିଖିତ ଇକ୍‌ତେବାସ୍ (ପାରା) ପଢ଼ି ଶୁଣାଇଲେ। ହଜ୍‌ରତ୍ ମସିହ ମଉଦ ଆ:ସ ତଜ୍‌ଲ୍ଲିୟାତେ ଇଲାହିୟାରେ ଲେଖୁଛନ୍ତି: ''ଖୁଦାତାଲା ମୋତେ ବାରଂବାର ଏ ଖବର ଦେଇଛନ୍ତି ଯେ, ସେ ମୋତେ ବହୁତ ଅଜ୍‌ମତ୍ (ଅର୍ଥାତ୍ ମହାନତା ପ୍ରଦାନ) କରିବେ। ଏବଂ ଲୋକମାନଙ୍କ ମନରେ ମୋ ପ୍ରତି ଥିବା ପ୍ରେମକୁ ସୁଦୃଢ଼ କରିବ ଏବଂ ମୋର ଏହି ସିଲ୍‌ସିଲାକୁ ପୃଥିବୀର କୋଣ ଅନୁକୋଣକୁ ପ୍ରସାର କରିବ ଏବଂ ସବୁ ଫିର୍‌କାମାନଙ୍କ ଉପରେ ମୋ ଫିର୍‌କାକୁ ବିଜୟ ପ୍ରଦାନ କରିବ ଓ ମୋ ଫିର୍‌କାର ଲୋକମାନେ ଏତେମାତ୍ରାରେ ଜ୍ଞାନ ଓ ମାରେଫତ୍ (ଅର୍ଥାତ୍ ଆଧାର୍ମିକ ଜ୍ଞାନ ଯଦ୍ୱାରା ଈଶ୍ୱରଙ୍କୁ ଚିହ୍ନି ପାରୁଥିବ)ରେ ଅତ୍ୟନ୍ତ ପ୍ରବୀଣ ହେବେ ଯେ, ସେମାନେ ନିଜର ସତ୍ୟତାର ଜ୍ୟୋତି ଏବଂ ନିଜର ପ୍ରମାଣ ଓ ନିଦର୍ଶନ ଦ୍ୱାରା ସମସ୍ତଙ୍କ ମୁହଁ ବନ୍ଦ କରିଦେବେ। ଏବଂ ପ୍ରତ୍ୟେକ ଜାତି ଏହି ଝରଣାରୁ ପାଣି ପିଇବେ ଓ ଏହି ସମ୍ପ୍ରଦାୟ ଅତି ଶୀଘ୍ର ଶୀଘ୍ର ବଢ଼ିବ ଓ ଫଳ ଧରିବ ଏପରିକି ପୃଥିବି ଉପରେ ବ୍ୟାପି ଯିବ। ବହୁତ ଗୁଡ଼ିଏ ପ୍ରତିବନ୍ଧକ ସୃଷ୍ଟି ହେବ ଏବଂ ବିପଦି ଆସିବ କିନ୍ତୁ ଖୁଦା ଏ ସବୁକୁ ମଝିରୁ ଉଠାଇନେବେ ଓ ନିଜର ପ୍ରତିଶୃତିକୁ ପୁରଣ କରିବେ। ଖୁଦା ମୋତେ ସମ୍ବୋଧନ କରି କହିଛନ୍ତି ଯେ, ମୁଁ ତୁମକୁ ବର୍‌କତ ପର ବର୍‌କତ (ଅର୍ଥାତ୍ ସମୃଦ୍ଧି ଉପରେ ସମୃଦ୍ଧି) ଦେବି ଏପରି କି ସମ୍ରାଟ ତୁମ ବସ୍ତ୍ରରୁ ବରକ୍‌ତ ଖୋଜିବେ।

ତେଣୁ ହେ ଶୁଣୁଥିବା ଲୋକମାନେ! ଏ କଥା କୁ ମନେ ରଖ ଓ ଏହି ଭବିଷ୍ୟବାଣୀକୁ ନିଜ ସିନ୍ଦୁକ ଭିତରେ ସୁରକ୍ଷିତ କରି ରଖି ଦିଅ ଯେ, ଏହା ହେଉଛି ଖୁଦାଙ୍କ ବାଣୀ ଯାହା ଗୋଟିଏ ଦିନ ପୂରଣ ହେବ।''

*(ତଜ୍‌ଲ୍ଲିୟାତେ ଇଲାହିୟା ରୁହାନି ଖଜାଏନ୍ କମ୍ପ୍ୟୁଟରାଇଜଡ଼ ଏଡିଶନ୍, ଖଣ୍ଡ-୨୦, ପୃ-୪୦୯, ୪୧୦)*

ଏହାପରେ ଅଜିଜମ୍ ସୋବାନ୍ ଇକ୍‌ବାଲ୍ ଉକତ ଇକ୍‌ତେବାସ୍‌ର ଇଂରାଜୀ ଅନୁବାଦ ପଢ଼ି ଶୁଣାଇଲେ।

ଏହା ପରେ ଅଜିଜମ୍ ସୟଦ ଅୱେସ୍ ଅହମଦ, ଅଜିଜମ୍ ୟାସିର୍ ଖାନ୍ ଏବଂ ଅଜିଜମ୍ ଆଶିର୍ ଅହେମଦ୍ ଭଟ୍ଟି ''ଏମ୍‌ଟିଏ'' ବିଷୟବସ୍ତୁଚ ଉପରେ ଗୋଟିଏ ତରାନା ଉପସ୍ଥାପନ କଲେ ଯାହାର ଇଂରାଜୀ ଅନୁବାଦ ଇସ୍‌ମାଇଲ୍ ମୁବାରକ୍ ଅହେମଦ୍ ପଢ଼ି ଶୁଣାଇଲେ।

ଏହାପରେ ଅଜିଜମ୍ ଯର୍‌ୟାବ୍ ଫାରୁକ ଇଂରାଜୀ ଭାଷାରେ ''ଏମ୍‌ଟିଏ, ଆମର ଖିଲାଫତ୍ ସମ୍ପର୍କ ଯୋଡ଼ିବାର ମାଧ୍ୟମ'' ବିଷୟବସ୍ତୁ ଉପରେ ତକ୍‌ରିର୍ କଲେ। ଏହାପରେ ଅଜିଜମ୍ ଲବିଦ୍ ଅହେମଦ୍ ''ଏମ୍‌ଟିଏର ଗୁରୁତ୍ୱ ଏବଂ ବରକାତ୍'' ବିଷୟବସ୍ତୁ ଉପରେ ଉର୍ଦ୍ଦୁ ଭାଷାରେ ତକ୍‌ରିର୍ କଲେ।

ଏହାପରେ ଅଜିଜମ୍ ଅର୍‌ସଲାନ୍ ଓ୍ୱଲିଦ୍ ଅହେମଦ୍, ଅଜିଜମ୍ ତିଲାଲ୍ ମନ୍‌ସୁର ଅହେମଦ ''ଏମ୍‌ଟିଏ, ଆମର ଖିଲାଫତ୍ ସମ୍ପର୍କ ଯୋଡ଼ିବାର ମାଧ୍ୟମ'' ବିଷୟବସ୍ତୁ ଉପରେ ଗୋଟିଏ ପ୍ରେଜେଣ୍ଟେସନ୍ ଦେଲେ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ପିଲାମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ଅନୁମତି ଦେଲେ।

ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, ଆପଣ ମାନଙ୍କ ମଧ୍ୟରୁ କେତେଜଣ ଏପରି ଅଛନ୍ତି ଯେଉଁମାନେ ଉର୍ଦ୍ଦୁ ବୁଝିପାରୁଛନ୍ତି? ଯାହାଙ୍କୁ ଅଳ୍ପ କିଛି ଉର୍ଦ୍ଦୁ ଆସୁଥିବ ବା କିଛି କିଛି ବୁଝିପାରୁଥିବେ ସେମାନେ ଜଣ ଜଣ କରି ହାତ ଉପରକୁ ଉଠାନ୍ତୁ ତତ୍‌ସହିତ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଓ୍ୱାକିଫିନେ ନୌଙ୍କୁ ଉର୍ଦ୍ଦୁ ଶିଖିବା ପାଇଁ ଚେଷ୍ଟା କରିବା ଉଚିତ୍।

ଏହାପରେ ଜଣେ ଓ୍ୱାକିଫେ ନୌ ପିଲା ପ୍ରଶ୍ନ ପଚାରିଲେ ଯେ, ମୁଁ ହଜ୍‌ରତ୍ ଖଲିଫତୁଲ ମସିହ ସାନି ର:ଅଙ୍କ ପୁସ୍ତକ ''ବର୍‌କାତେ ଖିଲାଫତ'' ପଢୁଥିଲି ଯେଉଁଥିରେ ଖଲିଫତୁଲ ମସିହ ସାନି ର:ଅ କହିଛନ୍ତି ଯେ, ପ୍ରତ୍ୟେକ କୌମ୍ (ଅର୍ଥାତ୍ ଜାତିରେ) ଏପରି ଏକ ସମୟ ଆସିଥାଏ ଯେତେବେଳେ ସେମାନେ ରାଜନୀତି ଭିତରକୁ ଚାଲି ଯାଆନ୍ତି କିନ୍ତୁ ବର୍ତମାନ ଆମକୁ ରାଜନୈତିଜ୍ଞମାନଙ୍କର ଆବଶ୍ୟକତା ନାହିଁ କିନ୍ତୁ ଯଦି ଭବିଷ୍ୟତରେ ହୁଏ ତେବେ ସେ ସମୟରେ ଥିବା ଯୁଗ ଖଲିଫା ବତାଇବେ।

କଣ ଏବେ ସେ ସମୟ ଆସିଯାଇଛି ଯେ ଅହେମଦିମାନେ ରାଜନୀତି ମଧ୍ୟକୁ ଯାଇପାରିବେ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ହଁ ହୋଇପାରିବେ କିନ୍ତୁ ଓ୍ୱାକିଫିନେ ନୌ ପିଲାମାନେ ହୋଇପାରିବେ ନାହିଁ। ଓ୍ୱାକିଫିନେ ନୌ ପିଲାମାନଙ୍କ ପାଇଁ ମୁଁ ଗୋଟିଏ ପ୍ରୋଗ୍ରାମ ଦେଇଛି ଯେ ଯମାତ୍‌ର କଣ ସବୁ ଆବଶ୍ୟକତା ରହିଛି। ଆମକୁ ବର୍ତମାନ ଶିକ୍ଷକ ଓ ଡ଼ାକ୍ତରଙ୍କ ଆବଶ୍ୟକତା ରହିଛି ଏବଂ ଆଉ କିଛି ଇଂଜିନିୟର ଓ ଆକାଉଟାଂସଙ୍କ ଆବଶ୍ୟକତା ରହିଛି କିନ୍ତୁ ସବୁଠାରୁ ବେଶି ଆବଶ୍ୟକତା ଡ଼ାକ୍ତର ଓ ଶିକ୍ଷକଙ୍କର ରହିଛି। ଯଦି କାହାକୁ ରାଜନୈତିଜ୍ଞ ହେବାପାଇଁ ବା ଏହିପରି ଅନ୍ୟ କୌଣସି ପେଶା ଗ୍ରହଣ କରିବା ନିମନ୍ତେ ତା'ଠାରେ ଈଶ୍ୱର ପ୍ରଦତ ଗୁଣ ଭରି ରହିଛି ତେବେ ସେ ବ୍ୟକ୍ତିଗତ ରୂପେ ଯୋଗାଯୋଗ କରିପାରେ। ଏମିତି ତ ଅହେମଦୀ ରାଜନୈତିଜ୍ଞମାନେ ଅଛନ୍ତି। ଘାନାରେ ଅହେମଦୀ ରାଜନୈତିଜ୍ଞ ମେମ୍ବର ଅଫ୍ ପାର୍ଲିୟାମେଟଂ ଅଛନ୍ତି। ସେହିପରି ପାକିସ୍ତାନରେ ଅହେମଦୀୟା ବିରୋଧୀ କାନୁନ୍‌ର ମଂଜୁରୀ ପୂର୍ବରୁ ୧୯୭୪ ମସିହାରେ ଭୁଟ୍ଟୋଙ୍କ ପାର୍ଲମେଟଂରେ ତିନି ଚାରିଜଣ ଅହେମଦୀ ସଦସ୍ୟ ଥିଲେ, ଜଣେ ସିନେଟ୍‌ର ମେମ୍ବର ଥିଲେ ଓ ଦୁଇଜଣ ଅହେମଦୀ ପଂଞ୍ଜାବ ବିଧାନସଭାର ସଦସ୍ୟ ଥିଲେ। ଏଠି ଆମେରିକାରେ ଯେଉଁ ଅହେମଦୀମାନେ ରାଜନୀତିରେ ଆଗ୍ରହ ରଖିଛନ୍ତି ସେମାନେ ରାଜନୀତି କରିପାରିବେ କିନ୍ତୁ ଦଳ ଚୟନ କରିବା ସମୟରେ ସର୍ତକତା ଅବଲମ୍ବନ କରିବେ।

ଜଣେ ଓ୍ୱାକିଫେ ନୌ ପିଲା ପଚାରିଲା ଯେ ହଜୁର ଅନଓ୍ୱର କାଲିଫର୍ନିୟା କେବେ ଆସୁଛନ୍ତି। ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଯେବେ ଅଲ୍ଲାଃ ନେଇ ଆସିବେ ଦେଖନ୍ତୁ କେବେ ଆସୁଛି ଥରେ ତ ଆସି ସାରିଛି।

ଜଣେ ଓ୍ୱାକିଫେ ନୌ ପିଲା ପଚାରିଲା ଯେ, 'ଆପଣଙ୍କୁ ହୋଷ୍ଟନ ଆସି କିପରି ଲାଗିଲା' ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ବହୁତ ଭଲ ଲାଗିଲା ସୁନ୍ଦର ଦୃଶ୍ୟ। ହୋଷ୍ଟନର ଚାରିପଟେ ସବୁଜ କ୍ଷେତର ଇଲାକା ରହିଛି, ବଗିଚା ଏବଂ ବାଡ଼ ରହିଛି। ବହୁତ ଭଲ ଜାଗା।

ଜଣେ ଓ୍ୱାକିଫେ ନୌ ପିଲା ପଚାରିଲା ଯେ, ଯମାତ୍ ଅହେମଦିୟା ଆମେରିକା କିଭଳି ସାମୁହିକ ଭାବେ ନିଜକୁ ଉତମ ରୂପେ ଗଢ଼ି ତୋଳିପାରିବ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ମୁଁ ମୋ ଗସ୍ତର ଶେଷରେ ଆପଣଙ୍କୁ ବତାଇଦେବି।

ଜଣେ ପିଲା ପଚାରିଲା ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ଆମେରିକାରେ ଥିବା ଓ୍ୱାକିଫିନେ ନୌ ପିଲାମାନଙ୍କ ନିମନ୍ତେ ସବୁଠାରୁ ଜରୁରୀ ଉପଦେଶ କଣ? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣମାନେ ମୋ ଖୁତ୍‌ବା ଶୁଣୁଛନ୍ତି ତ? ମୁଁ ଦୁଇବର୍ଷ ପୂର୍ବେ କାନାଡ଼ାରେ ଖୁତ୍‌ବା ଦେଇଥିଲି ତାହା ହିଁ ଓ୍ୱାକିଫିନେ ନୌ ପିଲାମାନଙ୍କ ପାଇଁ ଚାର୍ଟର। ତାହା ଭିତରେ ୩୧ଟି ପଏଟଂ ରହିଛି, ତା'ଉପରେ ଅମଳ କର। ହଜୁର ଅନଓ୍ୱର ଅ:ବ:ଅ କହିଲେ ବାକି ତୁମେମାନେ ୫ବେଳା ନିୟମିତ ନମାଜ ପାଠ କର ଓ ଯେଉଁଠାରେ ନମାଜ୍ ସେଟଂର ଓ ମସ୍‌ଯିଦ୍ ଅଛି ସେଠାରେ ବାଯମାତ୍ (ଅର୍ଥାତ୍ ସାମୁହିକ) ନମାଜ୍ ପାଠ କର। ପବିତ୍ର କୋରାନ୍ ତିଲାଓ୍ୱତ ନିୟମିତ କର। ନିଜର ବନ୍ଧୁତ୍ୱ ଭଲ ପିଲାମାନଙ୍କ ସହିତ ରଖ ଓ ପାଠ ପଢ଼ିବା ପ୍ରତି ଧ୍ୟାନ ଦିଅ ଏହି ଚାରଟି କଥାକୁ ମନେ ରଖ ଓ ବାକି ପଏଂଟ ଗୁଡ଼ିକ ସେହି ଖୁତ୍‌ବାରୁ ନେଇନେବ।

ଜଣେ ଓ୍ୱାକିଫେ ନୌ ପିଲା ପଚାରିଲା ଯେ, ଓ୍ୱାକ୍‌ଫେ ନୌ ପିଲା ହୋଇଥିବାରୁ ଆମକୁ ଉଚ୍ଚ ଶିକ୍ଷା ପ୍ରତି ଧ୍ୟାନ ଆକର୍ଷଣ କରାଯାଉଛି। ଏବଂ ଆମେରିକାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନିଆଯାଉଥିବା ଶିକ୍ଷା କରଜ ଏବେ ୧.୫ ଟ୍ରିଲିୟନ୍ ଡ଼ଲାରରେ ପହଂଚି ଗଲାଣି। ଜଣେ ଛାତ୍ରଙ୍କ ଉପରେ ଶିକ୍ଷା ନିମନ୍ତେ ହାସଲ କରାଯାଇଥିବା କରଜ ଗାଡ଼ି କରଜରୁ ଓ ଅନ୍ୟ କରଜରୁ ବଢ଼ି ଯାଉଛି ଏପରି ପରିସ୍ଥିତିରେ ହଜୁର ଅନଓ୍ୱର ଅ:ବ:ଅ ଅହେମଦି ପିଲାମାନଙ୍କୁ କଣ ଉପଦେଶ ଦେବେ କି, ସେମାନେ ପଢ଼ିବା ସମୟରେ ନିଜର ଅର୍ଥ ବ୍ୟବସ୍ଥା ଉପରେ କିପରି ଉତମରୂପେ ବ୍ୟବସ୍ଥା କରିପାରିବେ ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଉଚ୍ଚ ଶିକ୍ଷା ହାସଲ କରିବା କେବଳ ଓ୍ୱାକିଫିନେ ନୌ ପିଲାମାନଙ୍କ ନିମନ୍ତେ ନୁହେଁ ବରଂ ଏହା ପ୍ରତ୍ୟେକ ଅହେମଦୀଙ୍କ ନିମନ୍ତେ ଆବଶ୍ୟକ। ଓ୍ୱାକିଫିନେ ନୌ ପିଲାମାନଙ୍କୁ ଶିକ୍ଷା କ୍ଷେତ୍ରରେ ସବୁଠାରୁ ଆଗରେ ରହିବା ଉଚିତ। ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଯେଉଁମାନେ ସରକାରଙ୍କଠାରୁ ବା ବ୍ୟାଙ୍କରୁ ଶିକ୍ଷା ଋଣ ନେଉଛନ୍ତି ସେମାନଙ୍କୁ ମୁଁ ଏହି ଉପଦେଶ ଦେଉଛି ଯେ, ସେମାନେ ଯେଉଁ ବିଭାଗରେ ଶିକ୍ଷା ହାସଲ କରିଛନ୍ତି ସେହି ବିଭାଗରେ ହିଁ ଚାକିରି ଖୋଜି କାମ କରନ୍ତୁ ଓ ଉଣା ଅଧିକେ ତିନିବର୍ଷ ପାଇଁ ଅଭିଜ୍ଞତା ହାସଲ କରନ୍ତୁ ଓ ନିଜର ଋଣକୁ ପଇଠ କରନ୍ତୁ ଯେତେବେଳେ ଆପଣମାନେ ନିଜର ସମ୍ପୁର୍ଣ୍ଣ ଋଣ ପଇଠ କରିଦେବେ ସେତେବେଳେ ଆପଣମାନେ ନିଜକୁ ଓ୍ୱକ୍‌ଫ ପାଇଁ ପେଶ କରିବେ କିନ୍ତୁ ଏହି ଅବଧି ମଧ୍ୟରେ ମର୍‌କଜ୍‌କୁ ନିଜ ନିଜର ପୋଗ୍ରେଶ ରିପୋର୍ଟ ପଠାନ୍ତୁ ଏବଂ ଏତଦ୍‌ବ୍ୟତିତ ଯେପରି ମୁଁ ବର୍ଣ୍ଣନା କରିସାରିଛି ଯେ, ପ୍ରତ୍ୟହ ୫ବେଳା ନାମଜ୍‌କୁ ବାଯମାତ୍ ପାଠ କର ଏବଂ ପବିତ୍ର କୋରାନ୍‌ର ଆବୃତି କରିବା ଅଭ୍ୟାସରେ ପରିଣତ କର। ଉତମ ଚରିତ୍ରର ପ୍ରଦର୍ଶନ କର ଏହି ସବୁ ଜିନିଷଗୁଡ଼ିକ ସଙ୍ଗେ ସଙ୍ଗେ ହେବା ଉଚିତ ଏପରି ନ ହେଉ ଯେ ଯେପରି ଆପଣମାନେ କୌଣସି ଡ଼ାକ୍ତରଖାନାରେ ବା କମ୍ପାନିରେ ବା ଜଣେ ଓକିଲ ହିସାବରେ କାମ କରୁଅଛ ତ ଆପଣମାନେ ନିଜର ମୂଳ କର୍ତବ୍ୟକୁ ଭୁଲିଯାଅ। ତେଣୁ ଏହାକୁ ବିଶେଷ ରୂପେ ଧ୍ୟାନ ରଖ। ଏହି ସବୁ କଥା ପାଳନ କର ଓ ନିଜର ଋଣକୁ ପଇଠ କର ତା ପରେ ଆଗକୁ ହିଦାୟତ ନେଇପାରିବେ। ହଜୁର ଅନଓ୍ୱର ଅ:ବ:ଅ କହିଲେ: ୩ୟ ପୃଥିବୀର ଛାତ୍ରଛାତ୍ରୀମାନଙ୍କୁ ବା ଗରିବ ଦେଶର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଉଚ୍ଚ ଶିକ୍ଷା ପାଇଁ ଆମେ ମଧ୍ୟ ଋଣ ଦେଇଥାଉ।

ଆଉ ଜଣେ ଓ୍ୱକ୍‌ଫେ ନୌ ପଚାରିଲେ ଯେ, କଣ ଆପଣଙ୍କ ଉପରେ ପ୍ରତ୍ୟେକ୍ଷ ରୂପେ ଅଲ୍ଲାଃ ତାଲାଙ୍କର ଓ୍ୱହି (ଐଶି ବାଣୀ) ଅବତୀର୍ଣ୍ଣ ହେଉଛି କି? ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ତାଲା ବିଭିନ୍ନ ଶୈଳୀରେ ବତାଇ ଦେଉଛନ୍ତି ଯେ କଣ କରିବାକୁ ହେବ। ହୃଦୟ ଭିତରେ ପକାଇ ଦେଉଛି ପ୍ରତ୍ୟେକ୍ଷ ରୂପେ କୌଣସି ଓ୍ୱହି ହେଉନାହିଁ। ଓ୍ୱହି କେବଳ ନବୀମାନଙ୍କୁ ହୋଇଥାଏ।

ଓ୍ୱକଫିନେ ନୌ ଙ୍କର ଏହି କ୍ଲାସ ୮.୧୫ ମିନିଟ୍‌ରେ ଶେଷ ହେଲା। ଶେଷରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହି କ୍ଲାସରେ ଯୋଗ ଦେଇଥିବା ସମସ୍ତ ପିଲାଙ୍କୁ ଯାଏ ନମାଜ୍ ପ୍ରଦାନ କଲେ। ଏହାପରେ ସବୁ ପିଲାମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଗୋଟିଏ

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ। ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ। ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ।**

ଗ୍ରୁପ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହାପରେ ଜଣେ ୱାକିଫେ ନୌ ଯୁବକ ଅଜିଜମ୍ ସୟଦ ନୱାସ ଅହେମଦ ଅଜାନ୍ ଦେଲେ । ହଜୁର ଅନଓ୍ୱର ଅ:ବ:ଅ ସେ ସମୟରେ ମେହ୍‌ରାବ୍ ଉପରେ ଛିଡ଼ା ହୋଇ ରହିଲେ ଅଜାନ୍ ପରେ ହଜୁର ଅନଓ୍ୱର ଅ:ବ:ଅ ଉକ୍ତ ଖାଦିନ୍‌କୁ ନିଜ ନିକଟକୁ ଡ଼ାକିଲେ ଓ ପଚାରିଲେ ଯେ, କଣ କରୁଅଛ ? ଏଥିରେ ସେହି ଯୁବକ ଜଣକ କହିଲେ ମୁଁ ଜଣେ ଡ଼ାକ୍ତର ଏବଂ ରେଜିଡ଼େନ୍ସି କରୁଅଛି । ହଜୁର ଅନଓ୍ୱର ଅ:ବ:ଅ ତାଙ୍କଠାରୁ ପଚାରି ବୁଝିଲେ କି ତୁମ ଉପରେ କେତେ ଲୋନ୍ ଅଛି ଓ କେବେ ତାହା ପଇଠ ହେବ ଏଥିରେ ସେ ମହାଶୟ କହିଲେ ଯେ, ଏପରି କିଛି କାର୍ଯ୍ୟ ଶୈଳୀ ଅଛି ଯଦ୍ୱାରା ଖିଦମତ୍ କାର୍ଯ୍ୟ ହୋଇପାରିବ । ଉଦାହରଣ ସ୍ୱରୁପ ଜନସେବା କାର୍ଯ୍ୟ କଲେ ଋଣ ଅଡ଼୍‌ଜେଷ୍ଟ ହୋଇଯାଇଥାଏ ଓ ବେଳେବେଳେ ଋଣ କମ୍ ମଧ୍ୟ ହୋଇଯାଏ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ତେବେ ପୁଣି ତୁମେ ଘାନା ଚାଲିଯାଅ ।

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ନମାଜ୍ ମଗ୍‌ରିବ୍ ଏବଂ ଇସା ଯମା କରି ପଢ଼ାଇଲେ । ନମାଜ୍ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୨୭ ଅକ୍ଟୋବର ୨୦୧୮ (ଶନିବାର)**

ହଜୁର ଅନଓ୍ୱର ଅ.ବ ସକାଳ ୬.୩୦ଟାରେ ମସଜିଦ୍ ବୟତୁଲ୍ ସମିରେ ଆସି ନମାଜ ଫଜର ପାଠ କରାଇଲେ । ନମାଜ ପାଠ କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ ନିଜ ରହିବା ସ୍ଥଳିକୁ ପ୍ରସ୍ଥାନ କଲେ ।

କାର୍ଯ୍ୟସୂଚି ଅନୁଯାୟୀ ୧୦.୩୦ରେ ହଜୁର ଅନଓ୍ୱର ଅ.ବ ମସଜିଦ୍‌ର ପୁରୁଷଙ୍କ ପାଇଁ ନିର୍ମିତ ହଲକୁ ଆଗମନ କଲେ ଏବଂ ସେଠାରେ ହେଓଷ୍ଟନ ଜମାଅତର ନିମ୍ନ ମଜଲିସ୍ ଆମିଲାର ସଦସ୍ୟଙ୍କ ସହ ଗ୍ରୁପ ଫଟୋ ଉତ୍ତୋଳନ କରିବାର ସୌଭାଗ୍ୟ ପ୍ରଦାନ କଲେ ।

* ଲୋକଲ୍ ମଜଲିସ୍ ଆମିଲା ଜମାଅତ ଅହମଦିୟା ହେଓଷ୍ଟନ ସାଉଥ୍ * ମଜଲିସ୍ ଆମିଲା ଜମାଅତ ଅହମଦିୟା ହେଓଷ୍ଟନ ନରଥ୍ * ମଜଲିସ୍ ଆମିଲା ଜମାଅତ ଅହମଦିୟା ହେଓଷ୍ଟନ ସାଇପ୍ରେସ୍ * ହେଓଷ୍ଟନ୍ ଜମାଅତର ସେବାକର୍ମୀଙ୍କ ଗ୍ରୁପ ଯେ ବିଭିନ୍ନ ସ୍ତରରେ ସେବା ସମ୍ପାଦନ କରୁଛନ୍ତି ।

ଏଥିଅନ୍ତେ ହଜୁର ଅନଓ୍ୱର ଅ.ବ ନିଜ କାର୍ଯ୍ୟାଳୟ ଆଡ଼୍‌କୁ ପ୍ରସ୍ଥାନ କଲେ, ଯୋଉଁଠାରେ କିଛି ଫେମିଲିଙ୍କ ସହ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଥିଲା ।

**ସପରିବାରଙ୍କ ସହ ସାକ୍ଷାତ**

ଆଜି ସକାଳର ଏହି ବୈଠକରେ ୭୪ଗୋଟି ପରିବାରର ମୋଟ ୩୯୬ଜଣ ସଦସ୍ୟ ହଜୁର ଅନଓ୍ୱର ଅ.ବଙ୍କ ସହ ସାକ୍ଷାତ କରିବାର ସୌଭାଗ୍ୟ ଅର୍ଜନ କଲେ । ସେ ସମସ୍ତ ସଦସ୍ୟଗଣ ନିଜ ପ୍ରିୟ ଆକାଙ୍କ ସହ ଫଟୋ ଉତ୍ତୋଳନ କରିବାର ସୌଭାଗ୍ୟ ଲାଭ କଲେ । ହଜୁର ଅନଓ୍ୱର ଅ.ବ ଜ୍ଞାନ ଆହରଣ କରୁଥିବା ଛାତ୍ରଛାତ୍ରିମାନଙ୍କୁ କଲମ ପ୍ରଦାନ କଲେ ଏବଂ କୁନି କୁନି ପିଲାମାନଙ୍କୁ ଚକଲେଟ୍ ପ୍ରଦାନ କଲେ ।

ଆଜି ହଜୁର ଅନଓ୍ୱର ଅ.ବଙ୍କ ସହ ସାକ୍ଷାତ କରିଥିବା ଉକ୍ତ ଲୋକମାନେ ଆମେରିକା ବିଭିନ ପ୍ରାନ୍ତରେ ଅବସ୍ଥିତ ୨୮ଗୋଟି ଜମାଅତରୁ ଆସିଥିଲେ । ସେଗୁଡ଼ିକ ଯଥାକ୍ରମେ ସେଣ୍ଟପାଓଲ୍, ଜାରଜିୟା, କେରୋଲେନା, ଫୋନକସ୍, ଏରିଜୋନା, କାନସାସ୍ ସିଟି, ଲାସ ୱେଗସ୍, ମୟାମି, ଅଓ୍ୱରଲ୍ୟାଣ୍ଡ, ପୋଟ୍ ଲ୍ୟାଣ୍ଡ,ସେଟଲ୍, ଯିଆନ୍ ଇତ୍ୟାଦି । ଉକ୍ତ ଜମାଅତର ପରିବାରବର୍ଗ ଓ ଲୋକମାନେ ସୁଦୂର ଯାତ୍ରା ଅତିକ୍ରମ କରି ଆସିଥିଲେ । କେତେକ ପରିବାର ଓ ଲୋକମାନେ ତ ୧୧୮୨ମିଲର ଦିର୍ଘ ଦୂରତା ସାଢେ ସତର ଘଣ୍ଟାର ଯାତ୍ରା କରି ପହଂଚିଥିଲୋ

**ସାକ୍ଷାତ କରିଥିବା ସଦସ୍ୟଙ୍କର ବିଶ୍ୱାସ ବର୍ଦ୍ଧକ ପ୍ରତିଲକ୍ରିୟା**

ଗେମ୍ବିୟା ଦେଶରୁ ଆସିଥିବା ଜଣେ ବନ୍ଧୁ ଏବୋ ଜୋଫୋ ସାହେବ ଯେ ଆଜିକାଲି ଆମେରିକାରେ ମିନେସୋଟାରେ ବାସ କରୁଛନ୍ତି, ନିଜ ସାକ୍ଷାତର ଅବସ୍ଥା ଶୁଣାଇ କହିଲେ- ଏହା ମୋ ଜୀବନର ପ୍ରଥମ ସାକ୍ଷାତ ଥିଲା ମୋ ନିକଟରେ ଉକ୍ତ ସାକ୍ଷାତର ଅବସ୍ଥା ବର୍ଣ୍ଣନା କରିବା ପାଇଁ ଶବ୍ଦ ନାହିଁ । ଅଲ୍ଲାଃତାଲାଙ୍କ କୃପାରୁ ମୋର ଶ୍ୱର ବନ୍ଦ ହେଲା ନାହିଁ ଏବଂ ମୁଁ ନିଜ ଅତି ପ୍ରିୟ ହଜୁର ଅନଓ୍ୱରଙ୍କ ସହ କଥାଭାଷା ହୋଇପାରିଲି । ମୁଁ ହଜୁର ଅନଓ୍ୱରଙ୍କ ଚର୍ତୁପାର୍ଶ୍ୱରେ ଏକ ବିଶେଷ ଆଲୋକ ଘେରି ରହିଥିବାର ଅବଲୋକନ କଲି । ମୁଁ ହଜୁର ଅନଓ୍ୱରଙ୍କୁ ନିବେଦନ କଲି କି ମୁଁ ଇନସୋରନସ୍‌ର କାରବାର କରେ ଏଥିନିମନ୍ତେ କୌଣସି ନାମ ଚୟନ କରିଦିଅନ୍ତୁ । ହଜୁର ଅନଓ୍ୱର ଅତ୍ୟନ୍ତ ସହାନୁଭୂତିର ସହ ମୋ କାରବାରର ନାମ ମୋ ନାମରେ ରଖିଦେଲେ ।

ଜଣେ ବନ୍ଧୁ ଶ୍ରୀମାନ ମୁସଓ୍ୱିର ସାହେବ ଯେ ଆନଟୋନିଓ ଜମାଅତରୁ ଆସିଥିଲେ ବର୍ଣ୍ଣନା କରନ୍ତି କି ଖଲିଫାଙ୍କ ସହ ପ୍ରଥମ ସାକ୍ଷାତ ଏଭଳି ଘଟଣା ଅଟେ । ଯାହାକୁ କୌଣସି ବ୍ୟକ୍ତି ଶବ୍ଦ ମାଧ୍ୟମରେ ବର୍ଣ୍ଣନା କରିପାରିବ ନାହିଁ । ଏକ ଭିନ୍ନ ରକମର ଶାନ୍ତି ଅନୁଭବ କରୁଅଛି ।

ସୋଏବ ଅହସନ ସାହେବ ଯେ ଅଓଷ୍ଟନ ଜମାଅତରୁ ସାକ୍ଷାତ ନିମନ୍ତେ ଆସିଥିଲେ, କୁହନ୍ତି ହଜୁର ଅନଓ୍ୱରଙ୍କ କାର୍ଯ୍ୟାଳୟ ଐଶ୍ୱି ଆଲୋକରେ ବିମଣ୍ଡିତ ଥିଲା ଯାହାକୁ ପ୍ରତ୍ୟେକ ଚକ୍ଷୁ ଅବଲୋକନ କରିପାରିବ । ମୋ ପତ୍ନୀ ଭିଷଣ ଭାବରେ ଡ଼ରି ଯାଇଥିଲେ କିନ୍ତୁ ହଜୁର ଅନଓ୍ୱର ତାଙ୍କୁ ଆଶ୍ୱସନା ଦେଲେ ଏବଂ କହିଲେ ଭୟ କରିବାର କୌଣସି କାରଣ ନାହିଁ । ତା'ପରେ ମୁଁ କହିଲି ଆମ ପୁତ୍ର ୱକଫେ ନୋରେ ଅନ୍ତର୍ଭୁକ୍ତ ଅଛି ଏବଂ ଆମର ଆଶା କି ସେ ବଡ଼ ହୋଇ ଜଣେ ସଫଳ ମୁବଲିଗ୍ ଓ ୱକଫେ ଜିନ୍ଦେଗୀ (ଜୀବନ ଉତ୍ସର୍ଗୀ) ହେଉ । ଏଥିରେ ହଜୁର ଅନଓ୍ୱର ଆମ ପୁତ୍ରକୁ କହିଲେ ଯେତେବେଳେ ତୁମେ ଏକାଦଶରେ ପହଂଚିବ ଏବଂ ତୁମ ଅନ୍ତର ଆତ୍ମା ମୁରବୀ ହେବାକୁ କୁହେ ତେବେ ତୁମେ ନିଶ୍ଚିତ ମୁରବୀ ହେବାକୁ ଚେଷ୍ଟା କରିବ । ନିଜ ପିତାମାତାଙ୍କ ଚାପରେ କୌଣସି ନିଷ୍ପତି କରିବ ନାହିଁ ବରଂ ସ୍ୱୟଂ ନିଷ୍ପତି ନେବ କି ମୋର କଣ ହେବା ଉଚିତ୍ । ଯଦି ଡ଼ାକ୍ତର ହେବାକୁ ଇଚ୍ଛା କର ତେବେ ତାହା ହିଁ ହେବ ତାହା ତୁମର ଅଭିରୁଚି ହେବ ।

ସବା ରୋଫ୍ ସାହେବାଃ ନିଜ ପରିବାରଙ୍କ ହଜୁର ଅନଓ୍ୱରଙ୍କ ସହ ସାକ୍ଷାତ ଅନ୍ତେ ପ୍ରତିକ୍ରିୟା ପ୍ରକାଶ କରି କହିଲେ ହଜୁର ଅନଓ୍ୱରଙ୍କ କାର୍ଯ୍ୟାଳୟରେ ପାଦ ଦେଲା ମାତ୍ରେ ଯେତେବେଳେ ମୋର ଦୃଷ୍ଟି ହଜୁର ଅନଓ୍ୱରଙ୍କ ମୁଖମଣ୍ଡଳରେ ପଡ଼ିଲା ସେତେବେଳ ଠାରୁ ବର୍ତମାନ ପର୍ଯ୍ୟନ୍ତ ମୋତେ ଏକ ସହାନୁଭୂତି ଆସ୍ୱାଦନ କରି ରଖିଛି । ମୁଁ ହଜୁର ଅନଓ୍ୱରଙ୍କୁ କିଛି ହେଲେ କହିପାରିଲି ନାହିଁ । ସର୍ବପ୍ରଥମେ ହଜୁର ଅନଓ୍ୱର ନିଜ ସହାନୁଭୂତି ପୂର୍ଣ୍ଣ ହସ୍ତ ମୋ ପିଲାମାନଙ୍କ ମୁଣ୍ଡରେ ରଖିଲେ ତାପରେ ମୋତେ ଡ଼ାକି ଜଣେ ସହାନୁଭୂତି ପୁର୍ଣ୍ଣ ପିତାଙ୍କ ପରି ମୋ ମୁଣ୍ଡ ଉପରେ ମଧ୍ୟ ନିଜ ପବିତ୍ର ହସ୍ତ ରଖିଲେ । ମୁଁ ସେହି ଅବସରକୁ ବର୍ଣ୍ଣନା କରିପାରିବି ନାହିଁ । ତାହା ମୋ ଚକ୍ଷୁ ସମ୍ମୁଖରେ ଝଲକି ଉଠୁଲେ ମୋ ଚକ୍ଷୁରୁ ଅଶ୍ରୁ ଧାର ଧାର ହୋଇ ବହିପଡୁଛି । ଏପରି ଅଣୁଭବ ହେଉଛି ଯେପରି ହଜୁର ଅନଓ୍ୱରଙ୍କ ସହ ସାକ୍ଷାତ କରିବା ପରେ ସମୟ ଅଟକି ଯାଇଛି ଏବଂ ଯେପରି ଈଶ୍ୱର ଆଜି ଏକ ନୂତନ ଆତ୍ମା ଆମ ମଧ୍ୟରେ ଫୁଙ୍କି ଦେଇଛନ୍ତି । ବର୍ଷବର୍ଷ ଧରି ନିଜ ପ୍ରିୟ ଆକାଙ୍କ ସହ ସାକ୍ଷାତ କରିବାର ଯେଉଁ ଅଭିଳାଷା ଥିଲା ସେହି ତୃଷ୍ଣା ଆଜି ଦୂର ହୋଇଛି

ତାଙ୍କର ଜଣେ ୧୫ବର୍ଷିୟ କନ୍ୟା ନୁରୁଲ୍ ଇରଫାନ୍ ରବାନୀ କୁହନ୍ତି ମୁଁ ହଜୁର ଅନଓ୍ୱରଙ୍କ କାର୍ଯ୍ୟାଳୟରେ ପ୍ରବେଶ କରିବା ମାତ୍ରେ ମୋର ଦୃଷ୍ଟି ହଜୁର ଅନଓ୍ୱରଙ୍କ ଉଜ୍ୱଳମୟ ମୁଖମଣ୍ଡଳ ଉପରେ ପଡ଼ିଗଲା ସେତେବେଳ ଠାରୁ ବାହାରକୁ ଆସିବା ପର୍ଯ୍ୟନ୍ତ କ୍ରମାଗତ ଭାବରେ ମୋ ଚକ୍ଷୁରୁ ଲୋତକ ଝରିଚାଲିଥିଲା । ହଜୁର

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahemadiya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahemadiya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahemadiya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahemadiya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahemadiya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahemadiya, Kerang (Odisha)*

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 13 June 2019 Issue No. 24

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:** Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ହଜୁର ଅନଓ୍ୱରଙ୍କ ସହିତ ଦୁଇଜଣ ପ୍ରଫେସରଙ୍କ ସାକ୍ଷାତକାର

ପ୍ରଫେସର କ୍ରେଗ କାନ୍‌ସିଡାଇନ୍ ସାହେବ ସେ ରାଇସ୍ ୟୁନଭରସିଟି ଆମେରିକାର ସୋସିଓଲୋଜି ବିଭାଗର ମୁଖ୍ୟ ଏବଂ ପ୍ରଫେସର ଇମ୍‌ରାନ୍ ଅଲ୍‌ବଦାଓ୍ୱି ଯିଏ ହେଉଛନ୍ତି ପୂର୍ବ, ମଧ୍ୟ ଏବଂ ଆରବୀ ଜ୍ଞାନର ପ୍ରବିଣ, ସେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବା ପାଇଁ ଆସିଥିଲେ । ସାକ୍ଷାତକାରର ପ୍ରାରମ୍ଭରେ ସେହି ଦୁଇଜଣ ପ୍ରଫେସର ସାହାବାନ୍ ନିଜର ପରିଚୟ ପ୍ରଦାନ କଲେ । ତା'ପରେ ପ୍ରଫେସର ଇମ୍‌ରାନ ଅଲ୍‌ବଦାଓ୍ୱି ହଜୁର ଅନଓ୍ୱର ଅ:ବ:ଅଙ୍କ ସେବାରେ ନିଜ ରଚିତ ପୁସ୍ତକ (The Quran and the Aramaic Gospel Traditions) ଉପସ୍ଥାପନ କଲେ । ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ଧନ୍ୟବାଦ ଜଣାଇଲେ ।

ପ୍ରଫେସର ଅଲ୍‌ବଦାଓ୍ୱି ସାହେବ ନିଜର ବର୍ତମାନ ଯେଉଁ ପ୍ରୋଜେକ୍ଟ ପ୍ରସ୍ତୁତ କରିଛନ୍ତି ସେ ସମ୍ବନ୍ଧରେ ବତାଇଲେ, ତାହା ସମାଜ ଓ ପବିତ୍ର କୋରାନ୍ ସମ୍ବନ୍ଧିତ ବିଷୟ ବସ୍ତୁ ଅଛି । ତତ୍‌ସହିତ ସେ ଗୋଟିଏ କନ୍‌ଫେରନ୍ସ ଅନୁଷ୍ଠିତ କରିଥିଲେ ସେ ବିଷୟରେ ମଧ୍ୟ ବତାଇଲେ ଓ ଏକଥା ମଧ୍ୟ କହିଲେ କି ପାକିସ୍ତାନରୁ ମୁକରମ୍ ମୁଜିବୁର ରହ୍‌ମାନ୍ ସାହେବ ଆଡଭୋକେଟ୍ ସେଥିରେ ଅଂଶଗ୍ରହଣ କରିଥିଲେ । ପ୍ରଫେସର ବଦାଓ୍ୱି ସାହେବ ପୁଣି କହିଲେ ଯେ ଯମାତ୍ ଅହେମଦିୟା ଦ୍ୱାରା ପବିତ୍ର କୋରାନ୍‌ର ଯେଉଁ ବ୍ୟାଖ୍ୟା ଉପସ୍ଥାପନ କରାଯାଉଛି ତାହା ବିଲ୍‌କୁଲ୍ ବାସ୍ତବିକ ବ୍ୟାଖ୍ୟା । ପୁଣି ସେ କହିଲେ ଯେ, ଯମାତ୍ ଅହେମଦିୟାର ଏହି କାର୍ଯ୍ୟକୁ ସେ ବହୁତ ପ୍ରଶଂସା କରୁଛନ୍ତି ଓ ଅତ୍ୟନ୍ତ ସମ୍ମାନ ଦୃଷ୍ଟିରେ ଦେଖୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ ପ୍ରଫେସର ବଦାଓ୍ୱି ସାହେବଙ୍କୁ ପଚାରି ବୁଝିଲେ ଯେ, କଣ ସେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅଙ୍କ ପୁସ୍ତକ ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍ ଅଧ୍ୟୟନ କରିଛନ୍ତି କି ? ଏଥିରେ ସେ ମହାଶୟ କହିଲେ ନା ମୁଁ ପଢ଼ିନାହିଁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ନିର୍ଦ୍ଦେଶ ଦେଲେ କି ପ୍ରଫେସର ସାହେବଙ୍କୁ ଉକ୍ତ ପୁସ୍ତକ ଯୋଗାଇ ଦିଆଯାଉ ସୁତରାଂ ପ୍ରଫେସର ସାହେବଙ୍କୁ ସେହି ପୁସ୍ତକଟି ଯୋଗାଇ ଦିଆଗଲା ଏଥିରେ ପ୍ରଫେସର ସାହେବ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଧନ୍ୟବାଦ ଜଣାଇଲେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍ ର ପ୍ରଥମ ଭାଗରେ ଧର୍ମ ଓ ବିଭିନ୍ନ ଧର୍ମ ମଧ୍ୟରେ ତୁଳନାତ୍ମକ ବ୍ୟାଖ୍ୟା କରାଯାଇଛି । ଯେବେ କି ପୁସ୍ତକର ଦ୍ୱିତୀୟ ଭାଗରେ ହଜ୍‌ରତ୍ ନବୀ କରିମ୍ ସ:ଆ:ସଙ୍କ ଜୀବନ ଚରିତ ବର୍ଣ୍ଣନା କରାଯାଇଛି ।

ତା'ପରେ ପ୍ରଫେସର କାନ୍‌ସିଦାଇଲ୍ ନିଜର ପୁସ୍ତକ ନିମନ୍ତେ ଯେଉଁ ଶିକ୍ଷା କାର୍ଯ୍ୟ ଚଳାଇଛନ୍ତି ସେହି ବିଷୟରେ ଚର୍ଚ୍ଚା କଲେ ତାହା ଡ଼ବ୍‌ଲିନ୍ (ଆୟରଲ୍ୟାଣ୍ଡ) ଏବଂ ବୋଷ୍ଟନ୍ (ଆମେରିକା)ର ମୁସ୍‌ଲମାନ ଯୁବକ ମାନଙ୍କର ମନୋଭାବ ଏବଂ ଅଭ୍ୟାସ ସମ୍ବନ୍ଧରେ ପର୍ଯ୍ୟବେକ୍ଷିତ ।

ହଜୁର ଅନଓ୍ୱର ଅ:ବ:ଅ ପ୍ରଫେସର ସାହେବଙ୍କୁ ପଚାରିଲେ ଯେ, ସେ ମୁସଲମାନ୍ ଯୁବତୀମାନଙ୍କୁ ଏଥିରେ କାହିଁକି ସାମିଲ କଲେ ନାହିଁ ? ଏହାର ଉତରରେ ପ୍ରଫେସର ସାହେବ କହିଲେ ଯେ, ଏହାର କାରଣ ହେଉଛି ଝିଅ ପିଲାମାନଙ୍କୁ ଇଂଟରଭ୍ୟୁ ନିମନ୍ତେ ସାମାଜିକ ପ୍ରତିବନ୍ଧକ ରହିଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ କୌଣସି ପ୍ରକାରର ଗବେଷଣା ମୁସଲମାନ ଝିଅପିଲାଙ୍କ ଇଂଟରଭ୍ୟୁ ବିନା ସମ୍ପୂର୍ଣ୍ଣ ହୋଇପାରିବ ନାହିଁ । ହଜୁର ଅନଓ୍ୱର ଅ:ବ:ଅ ପ୍ରଫେସର ସାହେବଙ୍କୁ ପରାମର୍ଶ ଦେଲେ ଯେ, ସେ ଏହି କାର୍ଯ୍ୟ ନିମନ୍ତେ ପୃଥିବୀର ବିଭିନ୍ନ ଭାଗକୁ ଗସ୍ତ କରିପାରିବେ ଉଦାହରଣ ସ୍ୱରୂପ ଆଫ୍ରିକା, ଏସିଆ, ଅଷ୍ଟ୍ରେଲିଆ ଇତ୍ୟାଦି ଏବଂ ସେ ଅହେମଦି ମୁସଲମାନ ଯୁବତୀମାନଙ୍କଠାରୁ ଇଂଟରଭ୍ୟୁର ସୁଭାରମ୍ଭ କରିପାରିବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ କି, ଅଧା ଦୀନ୍ (ଧର୍ମ) ଆଇଶା ର:ଅଙ୍କଠାରୁ ଶିଖ । ଏହାର ଅର୍ଥ ହେଉଛି ଜଣେ ମୁସଲମାନ ମହିଳାକୁ ଧର୍ମ ସମ୍ବନ୍ଧୀୟ ଜ୍ଞାନ ଓ ଧର୍ମ ଜ୍ଞାନ ଖୁବ୍ ଭଲଭାବରେ ଜଣାଅଛି । ହଜୁର ଅନଓ୍ୱର ଅ:ବ:ଅ କହିଲେ ଇସ୍‌ଲାମରେ ମହିଳାମାନଙ୍କର ବହୁତ ବଡ଼ ରୋଲ୍ ଅଛି ଓ ବହୁତ ବଡ଼ ପଦମର୍ଯ୍ୟାଦା ରହିଛି । ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ଯେ, ମାଆ ର ପାଦ ତଳେ ବୈକୁଣ୍ଠ ଅଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଏବେ ଆପଣଙ୍କର ଆସନ୍ତା ପୁସ୍ତକଟି "Woman in Islam" (ଅର୍ଥାତ୍ ଇସ୍‌ଲାମରେ ନାରୀ) ବିଷୟବସ୍ତୁ ଉପରେ ପର୍ଯ୍ୟବେକ୍ଷିତ ହେବା ଉଚିତ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣ ଅହେମଦୀ ମୁସଲିମ୍ ମହିଳାମାନଙ୍କଠାରୁ ଯଦି ପାକିସ୍ତାନରେ ଇଂଟରଭ୍ୟୁ ନେବେ ତେବେ ଆପଣ ଜାଣିପାରିବେ ।

ହଜୁର ଅନଓ୍ୱର ଅ:ବ:ଅଙ୍କ ମାର୍ଗଦର୍ଶନ ଯୋଗୁଁ ପ୍ରଫେସର ସାହେବ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଧନ୍ୟବାଦ ଜଣାଇଲେ ଓ କହିଲେ ଯେ ଏବେ ତାଙ୍କୁ ନିଜର ନୂଆ ପୁସ୍ତକ ନିମନ୍ତେ ମାର୍ଗଦର୍ଶନ ମିଳିଗଲା ।

ଏ କଥା ମଧ୍ୟ ଚର୍ଚ୍ଚା ହେଲା କି ହଜୁର ଅନଓ୍ୱର ଅ:ବ:ଅ "Peace Symposiun U.K" ଅବସରରେ ନିଜ ଅଭିଭାଷଣରେ ପ୍ରଫେସର ତାନ୍‌ସିଡ଼ାଇନ୍‌ଙ୍କ ହଓ୍ୱାଲା ଦେଇଥିଲେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ ମୁଁ ପରେ ପ୍ରଫେସର ସାହେବଙ୍କର ଗୋଟିଏ ଟ୍ୱିଟ ମଧ୍ୟ ପଢ଼ିଥିଲି ଯେଉଁଥିରେ ସେ ହଓ୍ୱାଲା ଦେବାର ଖବର ସମ୍ବନ୍ଧରେ ଚର୍ଚ୍ଚା କରିଥିଲେ । ଏଥିରେ ପ୍ରଫେସର ସାହେବ କହିଲେ ଯେ, ତାଙ୍କୁ ବହୁତ ଆନନ୍ଦ ଲାଗୁଛି କି, ଏତେ ବଡ଼ ଅସ୍ତିତ୍ୱ (ଅର୍ଥାତ୍ ହଜୁର ଅନଓ୍ୱର ଅ:ବ:ଅ) ତାଙ୍କ ହଓ୍ୱାଲା ସମ୍ବନ୍ଧରେ ଚର୍ଚ୍ଚା କରିଛନ୍ତି ।

ପ୍ରଫେସର ଅଲ୍‌ବଦାଓ୍ୱି ସାହେବଙ୍କୁ ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ ଆପଣଙ୍କ ସମ୍ବନ୍ଧ କେଉଁ ଦେଶ ସହିତ ଅଛି ? ଏଥିରେ ସେ କହିଲେ ଯେ, ବାପାଙ୍କର ସମ୍ବନ୍ଧ ମାଲେସିଆ ଦେଶ ସହିତ ଓ ମାଆଙ୍କର ସମ୍ବନ୍ଧ ମିଶର ଦେଶ ସହିତ ଅଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହି ବ୍ୟାକ୍‌ଗ୍ରାଉଣ୍ଡ ଯୋଗୁଁ ଆପଣଙ୍କୁ ତ ଆରବୀ ଭାଷା ଖୁବ୍ ଭଲ ଭାବେ ଆସିବା ଉଚିତ । ପ୍ରଫେସର ଅଲ୍‌ବଦାଓ୍ୱି ସାହେବ କହିଲେ ଯେ, ସେ ମୂଳତଃ ଆରବୀ ଭାଷା ଖୁବ୍ ଭଲ ଭାବେ ଜାଣିଛନ୍ତି ଏପରି କି ସେ ଆରବୀ ଭାଷା ଓ ସାହିତ୍ୟ ପଢ଼ାଇଥିଲେ ।

ହଜୁର ଅନଓ୍ୱର ଅ:ବ:ଅ ପ୍ରଫେସର ସାହାବାନ୍‌ଙ୍କୁ କହିଲେ ଯେ, ୟୁ.କେ ଜଲ୍‌ସାରେ ଆସନ୍ତୁ ସେଠାରେ ପୃଥିବୀର ବିଭିନ୍ନ ଦେଶରୁ ଲୋକମାନେ ଆସିଥାନ୍ତି ଏବଂ ଚାଳିଶ ହଜାର ପାଖାପାଖି ଲୋକେ ଏକାଠି ହୋଇଥାନ୍ତି । ଏ ବର୍ଷ ଅଗଷ୍ଟ ୨୦୧୯ର ପ୍ରଥମ ସପ୍ତାହରେ ଜଲ୍‌ସା ଅନୁଷ୍ଠିତ ହେବ ।

ପ୍ରଫେସର କାନ୍‌ସିଡାଇନ୍ ସାହେବ କହିଲେ ଯେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର କରିବା ପାଇଁ ଆସିବା ପୂର୍ବରୁ ଆମେ ହଜୁର ଅନଓ୍ୱର ଅ:ବ:ଅଙ୍କ ଉକ୍ତ ଅଭିଭାଷଣକୁ ଶୁଣୁଥିଲୁ ଯାହା ଆପଣ ହ୍ୟୁମାନିଟିଫାଷ୍ଟ ୟୁ.କେ ର ଗୋଟିଏ ପ୍ରୋଗ୍ରାମରେ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ । ଉକ୍ତ ଭାଷଣରେ ହଜୁର ସେହି ହଦିସକୁ ଉପସ୍ଥାପନ କରିଥିଲେ ଯେଉଁଥିରେ ଖୁଦାତାଲା କହୁଛନ୍ତି କି, ମୁଁ ଭୁକିଲା ଥିଲି, ମୁଁ ଶୋଷିଲା ଥିଲି ଏବଂ ମୁଁ ଲଙ୍ଗଳା ଥିଲି ନା ତ ତୁମେ ମାନେ ମୋତେ ଖାଇବାକୁ ଦେଲ ନା ପିଇବାକୁ ଦେଲ ଓ ନା ପିନ୍ଧିବାକୁ ଦେଲ । ପ୍ରଫେସର ସାହେବ କହିଲେ ଯେ, ମୋର ଅନେକ ଅହେମଦୀ ଲୋକେ ବନ୍ଧୁ ଅଛନ୍ତି ଓ ସେମାନଙ୍କ ସହିତ ମୋର ଭଲ ସମ୍ପର୍କ ରହିଛି ।

ପ୍ରଫେସର ଅଲ୍‌ବଦାଓ୍ୱି ସାହେବ କହିଲେ ଯେ, ସେ ନିଜ ଲେକ୍‌ଚର ଗୁଡ଼ିକରେ ଜିହାଦ ପ୍ରସଙ୍ଗରେ ଯାମତ୍ ଅହେମଦିୟାର ବିଚାର ଓ ଚିନ୍ତାଧାରାକୁ ଉପସ୍ଥାପନ କରୁଛନ୍ତି ।

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ : ଯଦି ଆପଣ ଚାର୍ଟର ଅଫ୍ ମଦିନାକୁ ଆପଣାଇବେ ତେବେ ଆପଣ ଏକ ଶାନ୍ତିପୂର୍ଣ୍ଣ ସମାଜ ଗଠନ କରିପାରିବେ । ଏବେ ଇସ୍‌ଲାମିୟ ରାଷ୍ଟ୍ରଗୁଡ଼ିକରେ ଏହା ଉପରେ ସମ୍ପୂର୍ଣ୍ଣ ରୂପେ ଅମଳ କରାଯାଉନାହିଁ କିନ୍ତୁ ଏହା ମାନବିକ ଅଧିକାରର ପ୍ରଥମ କାନୁନ ଥିଲା । ଯଦି ତା ଉପରେ ଅମଳ କରାଯାଏ ତେବେ ସମାଜ ଶାନ୍ତିସ୍ତୁପ ହୋଇଯିବ ।

ଏବେ ପାକିସ୍ତାନରେ ଇମ୍‌ରାନ୍ ଖାନ୍ ସାହେବ କହିଥିଲେ ଯେ, ମୁଁ ଏହା ଉପରେ ଅମଳ କରିବି କିନ୍ତୁ ସେ କରିପାରିଲେ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଆଁ ହଜ୍‌ରତ୍ ସ:ଆ:ସ ହୁଜ୍ଜତୁଲ୍ ୱିଦାଆ ଅବସରରେ ଯେଉଁ ଭାଷଣ ପ୍ରଦାନ କରିଥିଲେ ତାହା ଚାର୍ଟର ଅଫ୍ ହ୍ୟୁମାନ ରାଇଟ୍‌ସ ଅଟେ । ଯଦି ତାହା ଉପରେ ଅମଳ କରାଯାଏ ତେବେ କୌଣସି ଗୋଷ୍ଠୀ, କୌଣସି ଜାତିର ଅଧିକାର କ୍ଷୁର୍ଣ୍ଣ ହେବ ନାହିଁ ଓ କାହା ଉପରେ ଅତ୍ୟାଚାର ହେବ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଚାର୍ଟର ଅଫ୍ ମଦିନା ଏବଂ ଶେଷ ଖୁତ୍‌ବା ହୁଜ୍ଜତୁଲ୍ ୱିଦାଆ ଏହା ହେଉଛି ସଚ୍ଚା ଇସ୍‌ଲାମ୍ ଓ ଏହା ହେଉଛି ଅସଲ ଓ ପ୍ରକୃତ ଇସ୍‌ଲାମ୍ ।

ଚାର୍ଟର ଅଫ୍ ମଦିନାରେ ଶାସନ କରିବାର ଶୈଳୀ ବତା ଯାଇଛି ଯେବେକି ହୁଜ୍ଜତୁଲ୍ ୱିଦାଆ ଖୁତ୍‌ବାରେ ମାନବିକ ସମ୍ମାନ ଓ ପ୍ରତିଷ୍ଠା ଏବଂ ମାନବିକ ଅଧିକାରର ଶିକ୍ଷା ଦିଆଯାଇଛି ।

ଶେଷରେ ପ୍ରଫେସର ଅଲ୍‌ବଦାଓ୍ୱି ସାହେବ କହିଲେ ଯେ, ସେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ରାଇସ୍ ୟୁନର୍ଭରସିଟିର ବେକର୍ ଇନ୍‌ଷ୍ଟିଚ୍ୟୁଟ୍‌ରେ ଅଭିଭାଷଣ ପ୍ରଦାନ କରିବା ପାଇଁ ନିମନ୍ତ୍ରଣ ଦେବାକୁ ଚାହୁଁଛନ୍ତି । ଯେଉଁଠି ବିଭିନ୍ନ ଆଧ୍ୟାତ୍ମିକ ମାର୍ଗଦର୍ଶକଙ୍କୁ ଆମନ୍ତ୍ରଣ କରାଯାଏ ଓ ଏ ଦୃଷ୍ଟିକୋଣରୁ ତାହା ଏକ ବିଶ୍ୱସନୀୟ କାର୍ଯ୍ୟାଳୟ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ବୋଧ ହୁଏ ଭବିଷ୍ୟତରେ କେବେ ଗସ୍ତ ସମୟରେ ସିଡ୍ୟୁଲ ଅନୁସାରେ ଏହା ସମ୍ଭବ ହୋଇପାରେ ।

ହଜୁର ଅନଓ୍ୱର ଅ:ବ:ଅ ପ୍ରଫେସର କାନ୍‌ସିଡାଇନ୍ ସାହେବଙ୍କଠାରୁ ପଚାରି ବୁଝିଲେ କି କଣ ଆପଣ କ୍ୟାଥଲିକ ଧର୍ମ ଉପରେ ପରିଚାଳିତ ହେଉଥିଲେ କି ? ଏଥିରେ ସେ ଉତର ଦେଲେ ଯେ, ସେ ତାଙ୍କ ନିଜ ଧର୍ମ ଉପରେ ପରିଚାଳିତ । ବୋଧ ହୁଏ ଏଥିପାଇଁ କି ସେ ହେଉଛନ୍ତି ଆଇରିସ୍ ବଂଶିୟ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଧର୍ମ ଉପରେ ପରିଚାଳିତ ହେଉଥିବା ବ୍ୟକ୍ତି ହେଉଛି ଉତମ ସେ ଯେ କୌଣସି ଧର୍ମ ଉପରେ ପରିଚାଳିତ ହୁଅନ୍ତୁ ନା କାହିଁକି ।

ଏହି ସାକ୍ଷାତକାର ୫.୫୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା ଶେଷରେ ଦୁଇ ଜଣଯାକ ପ୍ରଫେସର ସାହାବାନ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହା ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

## ୱାକିଫାତେ ନୌ ଝିଅମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ କ୍ଲାସ୍

*ଅବଶିଷ୍ଟାଂଶ ପୃଷ୍ଠା- ୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan